**ନୂତନ ଜଙ୍ଗଲ ସୃଷ୍ଟି ପାଇଁ ପ୍ରସ୍ତୁତି**

# ବର୍ଷାଦିନେ ଚାରା ରୋପଣକୁ ଗୁରୁତ୍ୱ



ଭଞ୍ଜନଗର, ୨୩।୬(ସମିସ): ଚଳିତବର୍ଷ ନୂତନ ଜଙ୍ଗଲ ସୃଷ୍ଟି କରିବା ଲକ୍ଷ୍ୟରେ ଗଞ୍ଜାମ ଜିଲ୍ଲାର ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ବନଖଣ୍ଡର ମୁଜାଗଡ଼, ଗାଲେରୀ, ଜଗନ୍ନାଥପ୍ରସାଦ, ତାରସିଂ ଓ କେନ୍ଦ୍ରୀୟ ବନାଞ୍ଚଳ ଅଧୀନରେ ଥିବା ୪୫ଟି ସ୍ଥାୟୀ ଓ ଅସ୍ଥାୟୀ ନର୍ସରୀରେ ୧୨ ଲକ୍ଷ ଚାରା ପ୍ରସ୍ତୁତ କରାଯାଇଛି। କାମ୍ପା, ମନରେଗା ଓ ଆଇଜିସି ଯୋଜନାରେ ଉକ୍ତ ଚାରାଗୁଡ଼ିକ ବିକ୍ରି କରିବା ସହ ରୋପଣ କରାଯିବ। ବର୍ଷା ଋତୁକୁ ଆଖିରେ ରଖି ଚଳିତବର୍ଷ ଘୁମୁସର ବନଖଣ୍ଡରେ ପ୍ରାୟ ୫ ହଜାର ହେକ୍ଟର ଜମିରେ ଚାରା ଲଗାଯିବାକୁ ସ୍ଥିର କରାଯାଇଛି। ଯେଉଁଥିରେ ବାଉଁଶ, ଶିଶୁଆ, ଗମ୍ଭାରୀ, କଇଥ, କରଞ୍ଜ, ଶିରିଶ, ଚାକୁଣ୍ଡା, ଫାସି, ନିମ୍ବ, ପଣସ, ଆମ୍ବ, ବାହାଡ଼ା, ଚନ୍ଦନ, ଡାଳିମ୍ବ, ବଉଳ ଓ ନିମ୍ବ ଭଳି ବିଭିନ୍ନ ରକମର ଚାରା ରହିଛି। କାମ୍ପା ଯୋଜନାରେ ଅନ୍ୟ ଏକ ରୂପରେଖ ଅନୁସାରେ ପ୍ରତି ହେକ୍ଟର ପିଛା ୫୦୦ ଚାରା ରୋପଣ ହେବ। ମୋଟ ୫୦୦ ହେକ୍ଟର ଜମିରେ ୨ ଲକ୍ଷ ୫୦ ହଜାର ଚାରାରୋପଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କ୍ଷୟକ୍ଷତି ଭରଣା ପାଇଁ ଅଧିକ ୧୦ପ୍ରତିଶତ ଚାରା ରଖାଯାଇଛି। କାମ୍ପା ଯୋଜନାରେ ଅନ୍ୟ ଏକ ରୂପରେଖ ଅନୁସାରେ ପ୍ରତି ହେକ୍ଟର ପିଛା ୨୦୦ ଚାରାରୋପଣ ହେବ। ୨୦୦ ହେକ୍ଟର ଜମିରେ କ୍ଷୟକ୍ଷତି ଭରଣାକୁ ମିଶାଇ ମୋଟ ୪୪ ହଜାର ଚାରା ରୋପଣ ହେବ। ଏହି ଯୋଜନାରେ ମୋଟ ୩ ଲକ୍ଷ ୧୯ ହଜାର ଚାରା ରୋପଣ ହେବ ବୋଲି ସୂଚନା ମିଳିଛି। ସେହିପରି ଆଇଜିସି ଯୋଜନାରେ ୨୦୦ ହେକ୍ଟର ଜମିରେ ପ୍ରାୟ ୪୪ ହଜାର ଚାରା ଓ ମନରେଗା ଯୋଜନାରେ ଲଣ୍ଡା ପାହାଡ଼ରେ ସବୁଜିମା ଭରିବା ପାଇଁ ୧୬ ହଜାର ଚାରା ରୋପଣ ପାଇଁ ଧାର୍ଯ୍ୟ ହୋଇଛି। ଆଇଜିସି ଓ କାମ୍ପା ଯୋଜନାରେ ବନଖଣ୍ଡର ବିଭିନ୍ନ ନର୍ସରୀରେ ୪ ଲକ୍ଷ ୫୦ ହଜାର ଚାରା ମହଜୁଦ ରହିଛି। ସେହିପରି ଲୋକଙ୍କୁ ଚାରା ଯୋଗାଇବା ପାଇଁ ଆଇଜିସି ଯୋଜନାରେ ୧ ଲକ୍ଷ ୫୦ ହଜାର ଓ ମନରେଗା ଯୋଜନାରେ ୬ ଲକ୍ଷ ଚାରା ପ୍ରସ୍ତୁତ କରାଯାଇଛି। ଯଦି ଏହି ଋତୁରେ ସଠିକ ବୃଷ୍ଟିପାତ ହୁଏ ତାହେଲେ ନୂତନ ଜଙ୍ଗଲ ସୃଷ୍ଟିରେ ସହାୟକ ହେବ ବୋଲି ଆଶା କରାଯାଉଛି।

## କୋର୍ଟ ପ୍ରତିଷ୍ଠା ପାଇଁ ସ୍ଥାନ ଚିହ୍ନଟ



ଧରାକୋଟ, ୨୩।୬(ସମିସ): ସରକାରୀ ଘୋଷଣା ଅନୁଯାୟୀ ଧରାକୋଟରେ ଖୁବ୍‌ଶୀଘ୍ର ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ହେବାକୁ ଯାଉଛି। ଏଥିପାଇଁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ତହସିଲଦାର ଗଣେଶ ଦଳେଇ, ରାଜସ୍ୱ ପରିଦର୍ଶକ ସୁଗନୀ ବେହେରା, ରାଜସ୍ୱ ନିରୀକ୍ଷକ ଯଜ୍ଞ ନାରାୟଣ ବେହେରା, ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଶ୍ରୀକାନ୍ତ ରଥ, ରାଜେଶ ବଳ ପ୍ରମୁଖ ଧରାକୋଟ ମୌଜାର ପ୍ଲଟ ନମ୍ବର ୧୧୭୮, ୧୧୭୯ରେ ଥିବା ସରକାରୀ ଜମିକୁ ଅନୁଧାନ କରି ମାପଚୁପ ଆରମ୍ଭ କରିଛନ୍ତି। କୋର୍ଟ ପ୍ରତିଷ୍ଠା ପାଇଁ ପ୍ରଥମ ପର୍ଯ୍ୟାୟରେ ତିନି ଏକର ଜମି ଯୋଗାଇ ଦିଆଯିବ। ଏଥିପାଇଁ ଭିତ୍ତିଭୂମିର ବିକାଶ ପ୍ରକ୍ରିୟା ଖୁବ୍‌ଶୀଘ୍ର ଆରମ୍ଭ ହେବ। ସ୍ଥାନ ଚିହ୍ନଟ କରି ହସ୍ତାନ୍ତର ପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ରାଜସ୍ୱ ବିଭାଗ ତରଫରୁ ତତ୍ପରତା ଆରମ୍ଭ ହୋଇଛି। ନ୍ୟାୟିକ ପ୍ରକ୍ରିୟାକୁ ସାଧାରଣ ଜନତାଙ୍କ ନିକଟତର କରିବା ପାଇଁ ସରକାରଙ୍କ ଏହି ପଦକ୍ଷେପକୁ ଅଞ୍ଚଳବାସୀଙ୍କ ସମେତ ଧରାକୋଟ ପ୍ରେସ୍ କ୍ଲବ ତରଫରୁ ସ୍ୱାଗତ କରାଯାଇଛି।

## ଭେଜିପୁଟରେ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଭଞ୍ଜନଗର, ୨୩।୬(ସମିସ): ଭଞ୍ଜନଗରସ୍ଥିତ ଭେଜିପୁଟଠାରେ ରବିବାର ନୂତନ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସକାଳ ସମୟରେ ଶତାଧିକ ସମର୍ଥକଙ୍କ ଗହଣରେ ବିଧାୟକ ଶ୍ରୀ ନାୟକ ବାଜା ବାଜଣା, ଆତସବାଜି ସହ ବିରାଟ ଶୋଭାଯାତ୍ରାରେ ଏଲଆଇସି କଲୋନୀ, ପାୱାର ହାଉସ ଛକ, ମିଲ୍ ଛକ ଦେଇ କୋଳି ସାହି, କୁମ୍ଭାର ସାହି, ମହାନ୍ତି ସାହି, କାବେରା ସାହି, ଗୋଲା ସାହି, ବଡ଼ଦାଣ୍ଡ ସାହି, ବାଲି ସାହି, କେନାଲ ସାହି, ନୂଆ ସାହି ସମେତ ବିଭିନ୍ନ ଗଳିକନ୍ଦି ପରିକ୍ରମା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାନସ କୁମାର ଜେନା, ବିଷ୍ଣୁ ପ୍ରଧାନ, ଧୋବା ଗୌଡ଼, ସନ୍ତୋଷ ତିଆଡ଼ି, କୁବେର ପ୍ରଧାନ, ଭକ୍ତରାମ ସ୍ୱାଇଁ, ହାଡୁବନ୍ଧୁ ଜେନା, ସମ୍ବିତ ଭୂୟାଁ, ସତ୍ୟାନନ୍ଦ ମହାନ୍ତି, ଦିଲୀପ ମଳିକ, ମନୋଜ ଜେନା, ଜଗା ଭୂୟାଁ ଓ ବହୁ ସମର୍ଥକ ଉପସ୍ଥିତ ଥିଲେ।

## ଶ୍ରୀଜଗନ୍ନାଥ ମନ୍ଦିରର ମୁକ୍ତି ମଣ୍ଡପ ପ୍ରତିଷ୍ଠା

ଗଞ୍ଜାମ, ୨୩।୬(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତର ପୁରୁଣାବନ୍ଧ ଗ୍ରାମ ଶ୍ରୀଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହେବା ସହ ମନ୍ଦିର ପରିସରରେ ମୁକ୍ତି ମଣ୍ଡପ ଓ ଅଣସର ଗୃହ ପ୍ରତିଷ୍ଠା ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ଜି. କାଳିଦାସ ରାଓ, କମିଟି ସଭ୍ୟ ଏମ. ଶଙ୍କର ରାଓ ଓ ପି. ଯୋଗି ରାଓ ପ୍ରମୁଖ କର୍ତ୍ତା ଭାବେ ଉପସ୍ଥିତ ରହି ଦେବକାର୍ଯ୍ୟ ସମ୍ପାଦିତ କରିଥିଲେ। ମୁଖ୍ୟ ପୂଜକ ରାକେଶ କୁମାର ପଣ୍ଡା, ଶଙ୍କର୍ଷଣ ପଣ୍ଡା ବେଦମନ୍ତ୍ର ଧ୍ୱନିରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା। ଏହି ଅବସରରେ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

**ମା' ପୋଲୋକାଶୁଣି ଯାତ୍ରା**

## କଳାକୁଞ୍ଜ ସହ ମିନାବଜାରର ମଜା ନେଉଛନ୍ତି ଶ୍ରଦ୍ଧାଳୁ



ଆସିକା, ୨୩।୬(ସମିସ): ଅସ୍ଥାୟୀ ମଣ୍ଡପରେ ପୂଜା ପାଇ ଆସୁଛନ୍ତି ଆସିକା ସହରର ସପ୍ତ ଠାକୁରାଣୀ। ମା' ପୋଲକାଶୁଣି, ମା' ଖମ୍ବେଶ୍ୱରୀ, ମା' ବୁଢ଼ୀ ଠାକୁରାଣୀ, ମା' ବିମଳା, ମା' ମାଣିକେଶ୍ୱରୀ, ମା' କାଳୀମୁଖି, ମା' ଗ୍ରାମଦେବତୀଙ୍କୁ ନେଇ ପ୍ରତି ତିନିବର୍ଷକୁ ଥରେ ପଲୋକାଶୁଣି ଯାତ୍ରା ହୋଇ ଆସୁଥିବା ବେଳେ ଅସ୍ଥାୟୀ ମଣ୍ଡପରେ ସାତ ଭଉଣୀ ଅର୍ଥାତ ସପ୍ତ ଠାକୁରାଣୀଙ୍କୁ ଦର୍ଶନ କରି କୃପା ଲାଭ କରି ଆସୁଛନ୍ତି ଭକ୍ତ। ସପ୍ତ ଠାକୁରାଣୀଙ୍କୁ ଦର୍ଶନ କଲେ ମାନସିକ ପୂରଣ ହୁଏ ବୋଲି ବିଶ୍ୱାସ ରହି ଆସିଛି। ୪ ଦିନ ଅସ୍ଥାୟୀ ମଣ୍ଡପରେ ପୂଜାର୍ଚ୍ଚନା ସହ ବ୍ରାହ୍ମଣଙ୍କ ମନ୍ତ୍ର ପାଠ ଚାଲିଥିବାବେଳେ ପଞ୍ଚମ ଦିନଠାରୁ ଅସ୍ଥାୟୀ ମଣ୍ଡପରୁ ସାତଭଉଣୀ ଅର୍ଥାତ ସପ୍ତଠାକୁରାଣୀଙ୍କୁ ଧରି ମାନସିକଧାରୀମାନେ ନଗର ପରିକ୍ରମାରେ ବାହାରି ଭକ୍ତଙ୍କ ପାଖକୁ ଯାଇ ଦର୍ଶନ ଦେଇଛନ୍ତି। ପୋଲୋକାଶୁଣୀ ଯାତ୍ରା ସତରେ ନିଆରା। ଆସନ୍ତା ୩୦ ତାରିଖ ଦିନ ଏହି ଯାତ୍ରା ସମାପ୍ତ ହେବ। ଏଣୁ ଦିନକୁ ଦିନ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମା' ସପ୍ତଠାକୁରାଣୀଙ୍କ ନଗର ପରିକ୍ରମା ବେଳେ ଢୋଲୋ, ବାଦ୍ୟ, ବାଜା ବାଜଣା ସାଙ୍ଗକୁ ହୁଳହୁଳିରେ କମ୍ପି ଉଠୁଥିଲା ସାରା ପରିବେଶ। ଯାତ୍ରା କମିଟି ଓ ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତଙ୍କ ଦର୍ଶନ ଲାଗି ସମସ୍ତ ବନ୍ଦୋବସ୍ତ କରାଯାଇଥିବାବେଳେ ବିଭିନ୍ନ ସାହିରେ କଳାକୁଞ୍ଜ ସାଙ୍ଗକୁ ପିଲାଙ୍କ ପାଇଁ ମନୋରଞ୍ଜନ ମିନାବଜାର ଦୋଳିର ଖୋରାକ ଯୋଗାଇଛି ଏହି ଯାତ୍ରା। ଆଲୋକ ମାଳାରେ କମ୍ପି ଉଠୁଛି ଅସ୍ଥାୟୀ ପୂଜା ମଣ୍ଡପ ସାଙ୍ଗକୁ ବିଭିନ୍ନ ସାହିର କଳାକୁଞ୍ଜ। ପାଞ୍ଚ ଦିନ ଧରି ମା'ଙ୍କ ଅସ୍ଥାୟୀ ମଣ୍ଡପରେ ହୋମ ଯଜ୍ଞ ସହ ରୀତିନୀତି ପୂଜା ପାଠ କରିଥାନ୍ତି ପଣ୍ଡିତମାନେ। ଶାନ୍ତିଶୃଙ୍ଖଳା ସହ ଚାଲିଥିବା ପୋଲୋକାଶୁଣି ଯାତ୍ରା ଦେଖିବା ପାଇଁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶ୍ରଦ୍ଧାଳୁ ଭକ୍ତ ଛୁଟି ଆସିଥାନ୍ତି।

## ପ୍ରେସ୍ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର

● ୧୦୩ ୟୁନିଟ୍ ରକ୍ତ ସଂଗୃହୀତ



ଛତ୍ରପୁର, ୨୩।୬(ସମିସ): ଛତ୍ରପୁର ପ୍ରେସ କ୍ଲବ୍ ପକ୍ଷରୁ ସଭାପତି ରବୀନ୍ଦ୍ର ନାଥ ପଣ୍ଡାଙ୍କ ତତ୍ତ୍ୱାବଧାନରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ୧୦୩ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ। ଏହି ଶିବିରରେ ଗ୍ରାସୀମ ଇଣ୍ଡଷ୍ଟ୍ରୀର ୟୁନିଟ ହେଡ ଅଜୟ ଗୁପ୍ତା, ପୂର୍ବତନ ବିଧାୟକ ଏନ ନାରାୟଣ ରେଡ଼ି, ଅଷ୍ଟମ ବାଟାଲିୟନ କମାଣ୍ଡାଣ୍ଟ ଶାରଦା ପ୍ରସାଦ ଦାସ, ଗ୍ରାସୀମ ଇଣ୍ଡଷ୍ଟ୍ରୀର ନିରୋଜା ପଟ୍ଟନାୟକ, ସୁସ୍ମିତା ବେହେରା ଅତିଥି ଭାବେ ଯୋଗଦେଇ ରକ୍ତଦାତା ଏବଂ ସାମ୍ବାଦିକମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀ, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଅଲେଖ ଚନ୍ଦ୍ର ପ୍ରଧାନ, ଯୁବନେତା ଆର. ସନ୍ତୋଷ ରେଡ୍ଡୀ, ଶଙ୍କର ଚକ୍ଷୁ ଚିକିତ୍ସାଳୟର ଉପଦେଷ୍ଟା ବି. ଶ୍ରୀନିବାସ, ଓଡ଼ିଶା ଜୀବିକା ମିଶନ ବ୍ଲକ ପ୍ରକଳ୍ପ ସଂଯୋଜିକା ମାନିନୀ ଜେନା, ଯୁବ ସମାଜସେବୀ ସୁଧୀର ପଟ୍ଟନାୟକ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଅଜିତ ସେଠୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

## ପରିବା ଦର ବେଲଗାମ୍: ଶହେ ଟପିଲା ଟମାଟୋ ଓ କଲରା

ବେଲଗୁଣ୍ଠା, ୨୩।୬(ସମିସ): ପନ୍ଦର ଦିନ ହେଲା ପରିବା ଦରରେ ରୋକ୍ ଲାଗୁନି। ହୁ ହୁ ହୋଇ ବଢ଼ି ଚାଲିଛି ଦର। କିଛି ପରିବାର ସଉଦା ହଜିବାକୁ ବସିଛି। ରବିବାର ବେଲଗୁଣ୍ଠା ବଜାରରେ ପିଆଜ କିଲୋ ୪୦ଟଙ୍କା, କାଙ୍କଡ଼ ୮୦ଟଙ୍କା, ଭେଣ୍ଡି ୬୦ ଟଙ୍କା, ଫୁଲକୋବି କିଲୋ ୮୦ ଟଙ୍କା, ବନ୍ଧା କୋବି ୫୦ ଟଙ୍କା, କଟିକିପୋଟଳ ୮୦ଟଙ୍କା, ବାଇଗଣ କିଲୋ ୬୦ ଟଙ୍କା, କାକୁଡ଼ି କିଲୋ ୬୦ଟଙ୍କା, ଝୁଡ଼ଙ୍ଗ କିଲୋ ୬୦ଟଙ୍କା, କଞ୍ଚା ଲଙ୍କା କିଲୋ ୧୨୦ ଟଙ୍କା, ଅଦା କିଲୋ ୨ଶହ ଟଙ୍କା, ସଜନା ଛୁଇଁ କିଲୋ ୧୦୦ ଟଙ୍କା, କଞ୍ଚା କଦଳୀ କିଲୋ ୫୦ ଟଙ୍କା, ଦେଶୀ ଆଳୁ କିଲୋ ୫୦ ଟଙ୍କା, ସିମଲା ମରିଚ କିଲୋ ୧୬୦ ଟଙ୍କା, ବିଟ୍ ଏବଂ ଗାଜର କିଲୋ ୬୦ ଟଙ୍କା, କଖାରୁ କିଲୋ ୩୦ ଟଙ୍କା, ଅମୃତଭଣ୍ଡା କିଲୋ ୩୦ ଟଙ୍କା, ତୋରଡ଼ା କିଲୋ ୪୦ ଟଙ୍କା, ଜହ୍ନି କିଲୋ ୫୦ ଟଙ୍କା, ଗୁଆଁର କିଲୋ ୬୦ ଟଙ୍କା, କଲରା କିଲୋ ୧୦୦ ଟଙ୍କା ଏବଂ ଟମାଟୋ କିଲୋ ପ୍ରତି ୧୦୦ ଟଙ୍କା ଦର ରହିଛି ଓ ପୂର୍ବପେକ୍ଷା ସମସ୍ତ ପରିବାର ଦର ଦୁଇରୁ ତିନି ଗୁଣ ବଢ଼ିଥିବା ବେଳେ ଖାଉଟିଙ୍କ ପକେଟ୍ ଉପରେ ଏହାର କୁପ୍ରଭାବ ପଡ଼ିଛି ଓ ୫୦୦ ଟଙ୍କାର ପରିବା କିଣିଲେ ବି ବ୍ୟାଗ ଭର୍ତ୍ତି ହେଉନାହିଁ।

## ନାବାଳିକାଙ୍କୁ ଦୁଷ୍କର୍ମ ଘଟଣାରେ ଯୁବକ ଗିରଫ

ରଙ୍ଗେଇଲୁଣ୍ଡା, ୨୩।୬(ସମିସ): ଗୋଳନ୍ଥରା ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ପରେ ଦୁଷ୍କର୍ମ ଘଟଣାରେ ସ୍ଥାନୀୟ ପୁଲିସ ଆଜି ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ସେହି ଅଞ୍ଚଳର ଏ.ସିମାଞ୍ଚଳ (୨୦) ବୋଲି ପୁଲିସ ସୂଚନା ଦେଇଛି। ଗତ ମାର୍ଚ୍ଚ ୪ ତାରିଖରେ ନାବାଳିକା ଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷା ଦେଇ ଘରକୁ ଫେରୁଥିବା ବେଳେ ସୀମାଞ୍ଚଳ ତାଙ୍କୁ ପ୍ରଲୋଭନ ଦେଖାଇ ଉଠାଇ ନେବା ସହ କଟକରେ ଭଡ଼ା ଘରେ ରହୁଥିଲେ। ଛାତ୍ରୀଙ୍କ ପରିବାର ଲୋକ ଆଖପାଖ ଅଞ୍ଚଳରେ ଓ ସମ୍ପର୍କୀୟ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର ପତ୍ତା ପାଇନଥିଲେ। ପରେ ଏନେଇ ନାବାଳିକାଙ୍କ ଭାଇ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। କେସନଂ ୯୭/୨୪ ପ୍ରକାରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଯୁବକ ଓ ଛାତ୍ରୀଙ୍କୁ ଉଦ୍ଧାର କରିବା ପାଇ ପୁଲିସ ଏକ ଟିମ୍ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଗତ ଚାରି ଦିନ ତଳେ କନିସି ହାଟ ଅଞ୍ଚଳର ଏକ ଭଡ଼ା ଘରେ ସିମାଞ୍ଚଳ ଓ ନାବାଳିକା ଥିବା ନେଇ ଖବର ପାଇବା ପରେ ପୁଲିସ ଟିମ୍ ରବିବାର ସକାଳେ ଚଢ଼ଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ କାବୁ କରିଥିଲେ। ନାବାଳିକା ଜଣକ ସିମାଞ୍ଚଳ ମୋତେ ବାରମ୍ବାର ବିଭିନ୍ନ ସମୟରେ ଧମକ ଚମକ ଦେଇ ଦୁଷ୍କର୍ମ କରୁଥିବା ନେଇ ପୁଲିସ ନିକଟରେ ପ୍ରକାଶ କରିଥିଲେ। ଉଭୟଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତରୀ ମାଇନା ପରେ ପୁଲିସ ସୀମାଞ୍ଚଳକୁ ଗିରଫ କରିଛି।

**ରୋଗୀ କଲ୍ୟାଣ ସମିତି ବୈଠକ**

## ବିଶେଷଜ୍ଞ ଡାକ୍ତରଙ୍କ ନିଯୁକ୍ତି ନେଇ ମନ୍ତ୍ରୀଙ୍କ ପ୍ରତିଶ୍ରୁତି




ପୋଲସରା, ୨୩।୬(ସମିସ): ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ, ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇଥିଲେ। ମନ୍ତ୍ରୀ ଗୋକୁଳାନନ୍ଦ ରୋଗୀ କଲ୍ୟାଣ ସମିତିର ସଭାପତି ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଓ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ରୋଗୀ କଲ୍ୟାଣ ସମିତି ପାଣ୍ଠିର ଆୟବ୍ୟୟ ପରଖିବା ସହ ଅଧିକ ଅର୍ଥ ଅନୁମୋଦନ କରିବା ପାଇଁ ସିଡିଏମଓଙ୍କ ସହ ଫୋନ୍ ଯୋଗେ ଆଲୋଚନା କରିଥିଲେ। ମେଡିକାଲରେ ରୋଗୀ ସେବାରେ ଅବ୍ୟବସ୍ଥା ଓ ଭିତ୍ତିଭୂମିକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ସଂରକ୍ଷଣ ଗୃହର ଆବଶ୍ୟକତାକୁ ପ୍ରସ୍ତାବ ଦିଆଯାଇଥିଲା। ମେଡିକାଲରେ ନୂତନ ଡାକ୍ତର ନିଯୁକ୍ତି, ଷ୍ଟାଫ୍ ନର୍ସ, କର୍ମଚାରୀ ଅଭାବ ଦୂରୀକରଣ ନିମନ୍ତେ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ଏବଂ ଜନସାଧାରଣଙ୍କ ସୁବିଧା ଲାଗି ଯାହା ଆବଶ୍ୟକ ରହିଛି ସେଗୁଡ଼ିକ ତୁରନ୍ତ କାର୍ଯ୍ୟକ୍ଷମ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡିଜିଟାଲ ଏକ୍ସରେ ମେସିନ, ପାନୀୟ ଜଳ ସମସ୍ୟାର ସମାଧାନ ନିମନ୍ତେ ଆଲୋଚନା ହୋଇଥିଲା। ଅପରପକ୍ଷେ ରୋଗୀ କଲ୍ୟାଣ ସମିତିରେ ନୂତନ ସଦସ୍ୟ ରୂପେ ପ୍ରଭାକର ପଣ୍ଡା, ଦୀପକ କୁମାର ପ୍ରଧାନ ଓ ମନୋଜ କୁମାର ଖଟୁଆଙ୍କ ନାମକୁ ମନ୍ତ୍ରୀ ସୁପାରିଶ କରିଥିଲେ। ବୈଠକରେ ଏନଆରଏଚଏମ ଚିକିତ୍ସାଧିକାରୀ ଡଃ. ଲଳିତ ମୋହନ ରଥ, ମେଡିକାଲ ଇନଚାର୍ଜ ଡା. ନାରାୟଣ ସ୍ୱାଇଁ, ଡା. ତ୍ରିଦେବେଶ ଶତପଥୀ, ଗୋଷ୍ଠୀ ଶିକ୍ଷାଧିକାରୀ ପିଣ୍ଟୁ ପ୍ରଧାନ, ବିପିଏମ ସୁନୀଲ କୁମାର ସାବତ, ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ପୃଷ୍ଟି, ଜନ ସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ତାପଶୀ ଷଡ଼ଙ୍ଗୀ, ସିଡିପିଓ ତିଳୋତ୍ତମା ରାଉତଙ୍କ ସମେତ ସମସ୍ତ ଡାକ୍ତର ଓ ରୋଗୀ କଲ୍ୟାଣ ସମିତିର ସଦସ୍ୟ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଅଗ୍ରଗତି ନେଇ ଏକ ମାସ ମଧ୍ୟରେ ପୁନଃ ଏକ ରିଭ୍ୟୁ ମିଟିଂ ଡାକିବା ଓ ରୋଗୀ କଲ୍ୟାଣ ସମିତି ବୈଠକ ଛଅ ମାସ ବଦଳରେ ପ୍ରତି ତିନି ମାସରେ ଥରେ ଆୟୋଜନ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

**ଆଇଆର୍‌ଇରେ ସ୍ଥାୟୀ ନିଯୁକ୍ତି ଦାବି**

## ଖଣିମନ୍ତ୍ରୀଙ୍କ ସହ ଶ୍ରମିକଙ୍କ ଆଲୋଚନା



ବ୍ରହ୍ମପୁର, ୨୩।୬(ସମିସ): ଛତ୍ରପୁର ନିକଟରେ ଅବସ୍ଥିତ ଭାରତୀୟ ବିରଳ ମୃତ୍ତିକା(ଆଇଆରଇ) ପ୍ଲାଣ୍ଟରେ ଦୀର୍ଘ ବର୍ଷ ଧରି ବିଭିନ୍ନ ପଦବୀ ଯଥା ଅଣକୁଶଳୀ, କୁଶଳୀ, ସୁପରଭାଇଜର ଭାବେ ସ୍ଥାନୀୟ ବାସିନ୍ଦା କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ଦୁଃଖର ବିଷୟ ସ୍ଥାନୀୟ ବାସିନ୍ଦା ହେବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଛତ୍ରପୁର ସବ୍‌ଡିଭିଜନର ହେଉ କି ଓଡ଼ିଶାର ହେଉ କାହାରିକୁ ବି ଏଠାରେ ସ୍ଥାୟୀ ନିଯୁକ୍ତି ଦିଆଯାଇନାହିଁ। କିନ୍ତୁ ପ୍ରତ୍ୟେକ ବର୍ଷ ବାହାର ରାଜ୍ୟର ପିଲାମାନଙ୍କୁ ବହୁତ ସୁଯୋଗ ଦିଆଯାଉଛି। ଯେଉଁମାନେ କି ନିଯୁକ୍ତି ପାଇବା ପରେ ବର୍ଷେ କିମ୍ବା ଦୁଇ ବର୍ଷ ଚାକିରି କରି ଅନ୍ୟ ଜାଗାକୁ ଚାଲିଯାଉଛନ୍ତି। ଯାହାଦ୍ୱାରା ପ୍ଲାଣ୍ଟର ବି ବିଶେଷ କ୍ଷତି ମଧ୍ୟ ହେଉଛି। ତେଣୁ ଏହି ପରିସ୍ଥିତିରେ କିପରି ସୁଧାର ଆସିବ, ସେନେଇ ରବିବାର ପ୍ଲାଣ୍ଟର କିଛି ଶ୍ରମିକ ବାଣିଜ୍ୟ, ପରିବହନ, ଇସ୍ପାତ ତଥା ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ତାଙ୍କ ବାସଭବନରେ ଭେଟିବା ସହ ଏକ ଲିଖିତ ଦାବିପତ୍ର ମଧ୍ୟ ଦେଇଥିଲେ। ଏହି କ୍ରମରେ ପ୍ଲାଣ୍ଟରେ ବିଗତ ଦିନରେ ଶ୍ରମିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ବିଷୟରେ ମନ୍ତ୍ରୀଙ୍କୁ ଜଣାଇଥିଲେ ତଥା ପ୍ଲାଣ୍ଟରେ ଆମ ରାଜ୍ୟର ଶ୍ରମିକମାନଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ୭୫% ସଂରକ୍ଷଣ ପାଇଁ ବ୍ୟବସ୍ଥା କରିବା ପାଇଁ ଦାବି କରିବା ସହ ସମାନତା ଅଧିକାର ହିସାବରେ ଏଠାରେ କାର୍ଯ୍ୟରତ ମହିଳା ଶ୍ରମିକମାନଙ୍କୁ ସମାନ ବେତନ ଓ ବୋନସ ଦେବା କଥା ବି ମନ୍ତ୍ରୀଙ୍କୁ ଜଣାଇଥିଲେ। ଏଥିପ୍ରତି ଯଥାଶୀଘ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଓ ଶ୍ରମିକମାନଙ୍କ ଅସୁବିଧା ଦୂର କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

**ଏମିତି ବି ଆସେ ମୃତ୍ୟୁ**

## ବାଛୁରୀକୁ ଉଦ୍ଧାର କରିବାକୁ ଯାଇ ପ୍ରାଣ ହରାଇଲେ

ଖଲ୍ଲିକୋଟ, ୨୩।୬(ସମିସ): ମୃତ୍ୟୁ ହେଉଛନ୍ତି ଚିରନ୍ତନ ସତ୍ୟ। କେତେବେଳେ କେଉଁ ମୁହୂର୍ତ୍ତରେ ଆସି ପହଞ୍ଚିବ ତାହା କେହି ଜାଣିନଥାଏ। ଖଲ୍ଲିକୋଟ ଜଗନ୍ନାଥ ବିହାରରେ ଏମିତି ଏକ ଅଘଟଣ ଘଟିଛି। ଗୋଟିଏ ଗାତରେ ପଡ଼ିଥିବା ବାଛୁରୀକୁ ଉଦ୍ଧାର କରିବାକୁ ଯାଇ ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଛି। ଶନିବାର ସନ୍ଧ୍ୟାରେ ଜଗନ୍ନାଥ ବିହାର ନିକଟରେ ଖୋଳା ଯାଇଥିବା ଗାତରେ ଏକ ବାଛୁରୀ ପଡ଼ି ଯାଇଥିଲା। ଏହା ଦେଖି ଅଟୋ ଚାଳକ ପଙ୍କଜ ସାହୁ ତୁରନ୍ତ ଗାତ ଭିତରକୁ ଡେଇଁ ପଡ଼ିଥିଲେ। ଉଦ୍ଧାର କରିବା ସମୟରେ ବାଛୁରୀ ତାଙ୍କୁ ଗୋଇଠା ମାରିଥିଲା। ଫଳରେ ସେଠାରେ ସେ ଅଚେତ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହକୁ ଜବତ କରିବା ସହ ୧୪/୨୦୨୪ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ। ରବିବାର ସକାଳେ ଥାନା ଏଏସଆଇ ଅସିତ କୁମାର ପ୍ରଧାନ ମେଡିକାଲରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛନ୍ତି। ଅନ୍ୟପଟେ ମେଡିକାଲ ପରିସରରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ମୃତ ପଙ୍କଜ ସାହୁଙ୍କ ନିଜ ଗ୍ରାମ ଲଙ୍ଗଳେଶ୍ୱର ହୋଇଥିବାବେଳେ ସେ ପରିବାର ସହ ଦୀର୍ଘ ଦିନ ହେଲା ଖଲ୍ଲିକୋଟରେ ଏକ ଭଡ଼ା ଘରେ ରହି ଅଟୋ ଚଳାଇ ନିଜ ପରିବାର ପ୍ରତିପୋଷଣ କରୁଥିଲେ। ସେ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାବେଳେ ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ରହିଛନ୍ତି। ପରିବାରରେ ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାବେଳେ ତାଙ୍କର ଏଭଳି ଅକସ୍ମାତ ମୃତ୍ୟୁରେ ପୁରା ପରିବାର ଭାଙ୍ଗି ପଡ଼ିଛନ୍ତି। ତେଣୁ ତାଙ୍କ ପରିବାରକୁ କୌଣସି ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି।



# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଅଚଳାବସ୍ଥା ଦୂର ପାଇଁ ପ୍ରକ୍ରିୟା ଆରମ୍ଭ

**୧୮ ବିଭାଗରେ ନିଯୁକ୍ତି ପାଇବେ ୭୨ଜଣ ଅତିଥି ଅଧ୍ୟାପକ**

**ନିଯୁକ୍ତି ତାଲିକାରେ ୨ଜଣ ପ୍ରଫେସର ଓ ୭୦ଜଣ ଆସିଷ୍ଟାଣ୍ଟ ପ୍ରଫେସର ସାମିଲ**

ବ୍ରହ୍ମପୁର, ୨୩।୬(ସମିସ)

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଅଭାବ ଭଳି ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡିଛନ୍ତି କୁଳପତି। ବିଶ୍ୱବିଦ୍ୟାଳୟର ମୋଟ ୧୮ଟି ସ୍ନାତକୋତ୍ତର ବିଭାଗରେ ଖାଲି ପଡ଼ିଥିବା ପ୍ରଫେସର ଓ ଅଧ୍ୟାପକଙ୍କ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଁ ପ୍ରକ୍ରିୟା ଶେଷ ହୋଇଛି। ଏଥିପାଇଁ ଗତ ମେ ୧୫ତାରିଖରୁ ଚାଲିଥିବା ସାକ୍ଷାତକାର ଚଳିତ ମାସ ଜୁନ ୨୧ତାରିଖରେ ଶେଷ ହୋଇଛି। ଏବଂ ସମସ୍ତ ବିଭାଗ ପାଇଁ ୨ଜଣ ପ୍ରଫେସର ଓ ୭୦ଜଣ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ସମେତ ମୋଟ ୭୨ଜଣ ଅଭିଜ୍ଞ ଶିକ୍ଷାବିତଙ୍କୁ ଚୟନ କରାଯାଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ଆସନ୍ତା ଜୁଲାଇ ପହିଲା ସୁଦ୍ଧା କାର୍ଯ୍ୟରେ ଯୋଗଦେବାକୁ ବିଶ୍ୱବିଦ୍ୟାଳୟର କୁଳସଚିବ ଚିଠି ଜାରି କରିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ପ୍ରକାରେ ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ଭଳି ଦୁଇଟି ବିଭାଗରେ ଦୁଇଜଣ ଅବସରପ୍ରାପ୍ତ ତଥା ଅଭିଜ୍ଞ ପ୍ରଫେସରଙ୍କୁ ନିଯୁକ୍ତି ଦିଆଯାଇଛି। ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗ, ପଦାର୍ଥ ବିଜ୍ଞାନ, ଗଣିତ, ଓଡିଆ, ଦର୍ଶନଶାସ୍ତ୍ର, ପଦାର୍ଥ ବିଜ୍ଞାନ ଓ ରାଜନିତୀ ବିଜ୍ଞାନରେ ୩ଜଣ ଲେଖାଏଁ ଏବଂ ପ୍ରାଣୀବିଜ୍ଞାନ, ହିନ୍ଦୀ, ଇତିହାସ, ଇଂରାଜୀ, ଶିକ୍ଷା ଓ ଭୂତତ୍ତ୍ୱ ବିଜ୍ଞାନ ଭଳି ବିଭାଗରେ ୪ଜଣ ଲେଖାଏଁ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିଭଳି ଅର୍ଥନିତୀ ଶାସ୍ତ୍ରରେ ୫ଜଣ, ବାଣିଜ୍ୟ ବିଭାଗରେ ୬ଜଣ, ରସାୟନ ବିଜ୍ଞାନ ବିଭାଗରେ ୨ଜଣ, କଂପ୍ୟୁଟର ବିଜ୍ଞାନ ଓ ବାୟୋଟେକ ବିଭାଗରେ ଜଣେ ଲେଖାଏଁ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ନିଯୁକ୍ତି ପାଇଥିବା ସମସ୍ତ ୭୨ଜଣ ଅତିଥି ଅଧ୍ୟାପକଙ୍କ କାର୍ଯ୍ୟକାଳ ଏକବର୍ଷ ଅଥବା ସର୍ବାଧିକ ନିୟମିତ ଅଧ୍ୟାପକଙ୍କ ନିଯୁକ୍ତି ପର୍ଯ୍ୟନ୍ତ ରହିବ ବୋଲି ନିର୍ଦ୍ଦେଶନାମାରେ ସ୍ପଷ୍ଟ ଉଲ୍ଲେଖ ଥିବା ଜଣାପଡ଼ିଛି। ସମସ୍ତ ପ୍ରଫେସର ଓ ସହକାରୀ ପ୍ରଫେସର ଛାତ୍ରଛାତ୍ରୀଙ୍କୁ ଅଧ୍ୟାପନା କରିବା ସହ ଗବେଷଣା କ୍ଷେତ୍ରରେ ମଧ୍ୟ ସହାୟତା ଯୋଗାଇବେ ବୋଲି ନିଯୁକ୍ତି ପତ୍ରରେ କୁହାଯାଇଛି। ଦିର୍ଘ ଏକମାସରୁ ଊର୍ଦ୍ଧ୍ୱ କାଳର କସରତ ପରେ ଏହି ସମସ୍ତ ଯୋଗ୍ୟ ତଥା ଅଭିଜ୍ଞ ଅତିଥି ଅଧ୍ୟାପକଙ୍କୁ ଚୟନ କମିଟି ନିଯୁକ୍ତି ଦେଇଛି। ଯାହା ବିଶ୍ୱବିଦ୍ୟାଳୟରେ ଶିକ୍ଷାବ୍ୟବସ୍ଥାରେ ସୃଷ୍ଟି ହୋଇଥିବା ଅଚଳାବସ୍ଥାକୁ କିଛିକାଂଶରେ ଦୂର କରିବାରେ ସହାୟକ ହୋଇପାରିବ।

ଅଧ୍ୟାପକଙ୍କ ଅଭାବ ଯୋଗୁଁ ଗତ ୧୮ ତାରିଖରୁ ବିଶ୍ୱବିଦ୍ୟାଳୟ ଖୋଲିଥିଲେ ସୁଦ୍ଧା ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି। ଯାହା ଆସନ୍ତା ଜୁଲାଇ ପହିଲା ପର୍ଯ୍ୟନ୍ତ ଜାରି ରହିବ। ଏବଂ ଜୁଲାଇ ପହିଲା ସୁଦ୍ଧା ସମସ୍ତ ଅତିଥି ଅଧ୍ୟାପକ କାର୍ଯ୍ୟରେ ଯୋଗ ଦେବାପରେ ବିଶ୍ୱବିଦ୍ୟାଳୟରେ ସ୍ୱାଭାବିକ ଅବସ୍ଥା ଫେରିବ ବୋଲି ଆଶା ରହିଛି। ତେବେ ୨୦୨୧ମସିହାରେ ବିଶ୍ୱବିଦ୍ୟାଳୟ ପାଇଁ ସରକାରୀ ଅନୁମୋଦନ ଲାଭ କରିଥିବା ୧୧୨ଜଣ ଅଧ୍ୟାପକ ଓ ୨୫ଜଣ ଅଣଶିକ୍ଷକ କର୍ମଚାରୀଙ୍କର ଏପର୍ଯ୍ୟନ୍ତ ନିଯୁକ୍ତି ହୋଇପାରି ନଥିବାରୁ ଶିକ୍ଷାନୁଷ୍ଠାନରେ ସମସ୍ୟା ଜଟିଳ ହୋଇଛି। ଏଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଗଲେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଭଳି ରାଜ୍ୟର ଅନ୍ୟତମ ପୁରାତନ ତଥା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନର ପଦମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିପାରିବ ବୋଲି ବୁଦ୍ଧିଜୀବୀ ଓ ପୁରାତନ ଛାତ୍ରସମାଜ ପକ୍ଷରୁ ମତପ୍ରକାଶ ପାଇଛି।

**ଜୁଲାଇ ପହିଲା ସୁଦ୍ଧା କାର୍ଯ୍ୟରେ ଯୋଗଦେବାକୁ କୁଳସଚିବଙ୍କ ପକ୍ଷରୁ ଚିଠି ଜାରି**

## ଦୁଇ ଆଇନଜୀବୀଙ୍କ ମଧ୍ୟରେ ଗଣ୍ଡଗୋଳ

● ଉଭୟଙ୍କ ନାମରେ ମାମଲା ରୁଜୁ

**ବ୍ରହ୍ମପୁର, ୨୩।୬(ସମିସ):** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କମାପଲ୍ଲୀ ସ୍ଥିତ ଜିଲ୍ଲା ଦୌରା କୋର୍ଟ ନିକଟରେ ଦୁଇ ଆଇନଜୀବୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ନେଇ ଉଭୟଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଉଭୟଙ୍କ ଅଭିଯୋଗକୁ ଆଧାର କରି ପୁଲିସ ପୃଥକ ପୃଥକ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିବା ଜଣାପଡ଼ିଛି। ଟଙ୍କା ନେଣଦେଣ ଓ କମେଣ୍ଟ ମରାକୁ ନେଇ ଏହି ଗଣ୍ଡଗୋଳ ହୋଇଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ, ଶନିବାର ଅପରାହ୍ନ ୩ଟା ୨୦ମିନିଟ ସମୟରେ ଆଇନଜୀବୀ ତଥା ଅଯୋଧ୍ୟା ନଗର ତୃତୀୟ ଲାଇନ ନିବାସୀ ସନ୍ତୋଷ କୁମାର ପଣ୍ଡା ଅରଫ ବାପି ପଣ୍ଡା ଘରେ ଖାଇ ନିଜ ଚାମ୍ବର ଚାବି ଖୋଲୁଥିବା ସମୟରେ ଆଇନଜୀବୀ ବି .ବାଲାଜି ରେଡ଼ି ଓ ଅନ୍ୟଜଣେ ଅଜଣା ବ୍ୟକ୍ତି ସ୍କୁଟିରେ ଆସି ଆଇନଜୀବୀ ବାପି ପଣ୍ଡାଙ୍କୁ ଗାଳି ଗୁଲଜ କରିବା ସହ କାଲିଠାରୁ କୋର୍ଟ ନ ଆସିବାକୁ ଧମକ ଦେଇଥିଲେ। ଏପରିକି ବାପି ପଣ୍ଡାଙ୍କ ଗାଲକୁ ବାଲାଜି ଚାପୁଡ଼ା ମାରିବା ସହ ଆକ୍ରମଣ କରିଥିଲେ। ପରେ ସେ ଧରିଥିବା ୧୭୦୦ଟଙ୍କାକୁ ଛଡ଼ାଇ ନେଇ ଯାଇଥିଲେ ବୋଲି ଆଇନଜୀବୀ ବାପି ପଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ନେଇଥିବା ଟଙ୍କା ମାଗିବାରୁ ଆଇନଜୀବୀ ସନ୍ତୋଷ ପଣ୍ଡା ବାଲାଜିଙ୍କୁ ମାଡ଼ମାରି ସେ ପିନ୍ଧିଥିବା ସୁନାଚେନ ଛଡ଼ାଇ ନେଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଉପରୋକ୍ତ ଦୁଇ ଆଇନଜୀବୀଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଦୁଇଟି ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରୁଥିବା ଅତିରିକ୍ତ ଏସପି ରମେଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି।

## ଦୋକାନୀଙ୍କୁ ମାଡ଼; ଥାନାରେ ମାମଲା ରୁଜୁ

**ବ୍ରହ୍ମପୁର, ୨୩।୬(ସମିସ):** ନିମଖଣ୍ଡି ଥାନା ଅଞ୍ଚଳର ଏକ ଦୋକାନୀଙ୍କୁ ମାଡ଼ମାରି ଦୋକାନ ସାମଗ୍ରୀ ଫିଙ୍ଗା ଫପଡ଼ା କଲେ ଦୁର୍ବୃତ୍ତ। ଏନେଇ ଦୋକାନୀ ସଞ୍ଜୟ କୁମାର ସାସମଲ ନିମଖଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନାଯୋଗ୍ୟ ଯେ, ଦୁଇଦିନ ପୁର୍ବେ ବଳି ପ୍ରଧାନ, ବଳିଆ ସାସମଲ ଓ ଅନ୍ୟ ଦୁଇ ଜଣ ମିଶି ଫୁଲଟା ଗୌଡ଼ ସାହି ନିବାସୀ ସଞ୍ଜୟ କୁମାର ସାସମଲଙ୍କ ଦୋକାନୀକୁ ଯାଇ ତାଙ୍କୁ ମାଡ଼ମାରିବା ସହ ଦୋକାନ ସାମଗ୍ରୀ ଫିଙ୍ଗାଫପଡ଼ା କରିଥିବା ଅଭିଯୋଗ ହୋଇଛି। ଅତ୍ୟଧିକ ମଦ୍ୟପାନ କରି ସଞ୍ଜୟକୁ ଗାଳି ଗୁଲଜ କରିବା ସହ ବିଭିନ୍ନ ଧମକ ଦେଇଥିବା ଅଭିଯୋଗ ହୋଇଛି। ପୁଲିସ ବର୍ତ୍ତମାନ ଏହି ଘଟଣାର ତଦନ୍ତ ଜାରି ରଖିଛି।

## ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ରରେ ଶୋକସଭା

**ବ୍ରହ୍ମପୁର, ୨୩।୬(ସମିସ):** ସ୍ଥାନୀୟ ଲାଞ୍ଜିପଲ୍ଲୀ ସ୍ଥିତ ବରିଷ୍ଠ ନାଗରିକ ମଞ୍ଚ ହସ, ଯୋଗ ଓ ବ୍ୟାୟାମ କେନ୍ଦ୍ରର ସଦସ୍ୟ ସ୍ୱର୍ଗତ ମଦନ ମୋହନ ସାହୁଙ୍କ ବିୟୋଗରେ ମଞ୍ଚ ପକ୍ଷରୁ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ପ୍ରଫେସର ଭାସ୍କର ପାଢ଼ୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍ୱର୍ଗତ ସାହୁଙ୍କ ସ୍ମୃତିଚାରଣ ପୂର୍ବକ ତାଙ୍କ ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ମଦନ ମୋହନ ସାହୁ ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ ସେକ୍ସନ ଅଫିସର ଥିଲେ। ଚଳିତ ମାସ ୨୧ତାରିଖର ରାତ୍ର ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ତାଙ୍କର ପାର୍ଥିବ ଶରୀର ୨୨ତାରିଖ ସକାଳେ କମାପଲ୍ଲୀସ୍ଥ ନୃସିଂହ ମନ୍ଦିର ନିକଟସ୍ଥ ବାସ ଭବନରେ ପହଞ୍ଚିବା ପରେ ହସ କେନ୍ଦ୍ରର ବହୁ ସଦସ୍ୟ ଉପସ୍ଥିତ ରହି ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଅନ୍ତିମ ବିଦାୟ ଜଣାଇଥିଲେ। ସ୍ୱର୍ଗତ ଶ୍ରୀ ସାହୁ ଜଣେ ଧର୍ମପରାୟଣ, ପରୋପକାରୀ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ବ୍ରହ୍ମପୁର ସହରରେ ଶୋକରଛାୟା ଖେଳି ଯାଇଛି।

## ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଶ୍ୱ ଯୋଗ ଦିବସ ପାଳିତ





ବ୍ରହ୍ମପୁର, ୨୩।୬(ସମିସ)

ସ୍ଥାନୀୟ ନୀଳକଣ୍ଠ ନଗର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ "ବିଶ୍ୱ ଯୋଗ ଦିବସ" ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ନାରାୟଣ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିରେ ଯୋଗଗୁରୁ ଜଗନ୍ନାଥ ପାଣୀଗ୍ରାହି ଶିଶୁ ତଥା ଆଚାର୍ଯ୍ୟ ଓ ଆଚାର୍ଯ୍ୟାମାନଙ୍କୁ ଯୋଗାଭ୍ୟାସ କରାଇଥିଲେ। ଯୋଗା ଆଚାର୍ଯ୍ୟ ବୃନ୍ଦାବନ ଦାସ ଯୋଗ ଓ ପ୍ରାଣାୟମର ମହତ୍ୱ ବିଷୟରେ ସୂଚନା ଦେଇଥିଲେ। ଯୋଗ ଦ୍ୱାରା କିପରି ନିଜେ ଭଲ ହେବା ସଙ୍ଗେ ସଙ୍ଗେ ସମାଜକୁ ମଧ୍ୟ ଉତ୍ତମ ମାର୍ଗକୁ ନେଇ ହେବ ସେ ବିଷୟରେ ଆଲୋକପାତ କରିଥିଲେ। ଏଥର ବିଷୟବସ୍ତୁ ଥିଲା ଯୋଗା ଫର ସେଲ୍‌ଫ ଆଣ୍ଡ ସୋସାଇଟି। ଯୋଗ ଦିବସର ଅନ୍ତିମ ପର୍ଯ୍ୟାୟରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ନିଳକଣ୍ଠନଗରର ଏନସିସି ଲେଫ୍‌ଟନାଣ୍ଟସ୍ମିତା ପଟ୍ଟନାୟକ ୩୦ଜଣ କ୍ୟାଡ଼େଟ୍‌ଙ୍କୁ ନେଇ "ଏକ୍ ଭାରତ୍ ଶ୍ରେଷ୍ଠ ଭାରତ୍" କ୍ୟାମ୍ପରେ ଯୋଗ ଦେଇଥିଲେ। ତନ୍ମଧ୍ୟରୁ ୫୦୦ କ୍ୟାଡେଟ୍‌ଙ୍କ ମଧ୍ୟରେ ଭାରତୀୟ ସଂସ୍କୃତିକୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଓଡ଼ିଶାର ସଂସ୍କୃତିକୁ ଆଧାର କରି ଢ଼େମସା ଓ ସମ୍ବଲପୁରୀ ନୃତ୍ୟ ପରିବେଶଣ କରି ପୁରସ୍କୃତ ହୋଇଥିଲେ। ସେମାନଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ବିଶ୍ୱ ଯୋଗ ଦିବସରେ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ନିଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ଉପଦେଷ୍ଟା ନରସିଂହ ଚୌଧୁରୀ, ନିମନ୍ତ୍ରିତ ସଦସ୍ୟ କେ. ଭେଙ୍କଟ ରାଓ, ରାଜେନ୍ଦ୍ର ଡାକୁଆ, ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ. ଡିଗ୍ରି ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡ. ସୁବ୍ରତ ପାଣିଗ୍ରାହୀ ଏବଂ ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ତଥା ସମସ୍ତ ଅଭିଭାବକମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଧ୍ୟକ୍ଷ ଏସ୍.ମୋହନ ରାଓ ଅତିଥି ପରିଚୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ସଚ୍ଚିଦାନନ୍ଦ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ବନକୁସୁମ ଶିଶୁ ସାହିତ୍ୟ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ



ବ୍ରହ୍ମପୁର, ୨୩।୬(ସମିସ)

ସ୍ଥାନୀୟ ପ୍ରକାଶମ ହଲରେ ବନକୁସୁମ ଶିଶୁ ସାହିତ୍ୟ ପ୍ରତିଷ୍ଠାନର ୩୪ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏ ଅବସରରେ ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, କବିତା ପାଠୋତ୍ସବ, କର୍ମଶାଳା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାମାଜିକ ନାଟକ 'ଭୁଲ ସମୀକ୍ଷା' ମଞ୍ଚସ୍ଥ ହୋଇଥିଲା। ମୋଟ ଚାରୋଟି ଅଧିବେଶନ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନ କର୍ମଶାଳାରେ ଉଦଘାଟକ ଭାବେ ସାଧୁ ଚରଣ ସାବତ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି କବି ଶୁଶାନ୍ତ ଦାଶ, ଇ. ଯାମିନୀ କାନ୍ତ ଦାସ ଯୋଗ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଇ. ରାଜେଶ କୁମାର ତ୍ରିପାଠୀ, ଇ ଆଶୁତୋଷ ପାତ୍ର ଓ ଅଧ୍ୟାପିକା ସୁଚରିତା କର ଉପସ୍ଥିତ ଥିଲେ। ସଂସଦର ସମ୍ପାଦକ ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ ଅତିଥିମାନଙ୍କୁ ନିମନ୍ତ୍ରଣ କରିବା ସହ ଅଧିବେଶନକୁ ପରିଚାଳନା କରିଥିଲେ। ସେହିପରି ମୁଖ୍ୟ ସମ୍ପାଦକ କାଳନ୍ଦୀ ଚରଣ ନାୟକ ସଂସଦର ମୁଖପତ୍ର ବନକୁସୁମ ପତ୍ରିକା ଓ ସଂସଦର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଅଧିବେଶନରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଚନ୍ଦ୍ର ଶେଖର ଦାଶଙ୍କ ପୌରହିତ୍ୟରେ ବୈଦ୍ଧିକ ବିକାଶ ତଥା ଶିକ୍ଷା ପଦ୍ଧତିରେ ବୈଷୟିକ ଶିକ୍ଷାର ଆବଶ୍ୟକତା ସମ୍ବନ୍ଧରେ ଉଭୟ ମଞ୍ଚ ଓ ଦର୍ଶକଙ୍କ ମତାମତା ଓ ପ୍ରଶ୍ନ ଉତ୍ତରରେ ଆଲୋଚନା ହୋଇଥିଲା। ମୁଖ୍ୟ ନିରିକ୍ଷକ ପ୍ରାକ୍ତନ ଶିକ୍ଷା ପରିଦର୍ଶକ ସୁବାଷ ଚନ୍ଦ୍ର ପଣ୍ଡା ଓ ପରିଚାଳନା ଅଧ୍ୟାପିକା ଆଶାରାଣୀ ପଟ୍ଟନାୟକ ମଞ୍ଚସୀନ ଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଡାକ୍ତର ପ୍ରଶାନ୍ତ କୁମାର ପତି, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଶାନ୍ତନୁ ସୁନା, ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ କୁମାର ଦାଶ ଯୋଗ ଦେଇଥିଲେ। ସଭାପତି ଲାଲ ବାହାଦୁର ପଟ୍ଟନାୟକ, ସମ୍ପାଦକ ଡକ୍ଟର ଲକ୍ଷ୍ମୀ ନାରାୟଣ ଦାଶ ପ୍ରମୁଖ ମଞ୍ଚସୀନ ହୋଇଥିଲେ। ଆଲୋଚନା ଚକ୍ରର ପ୍ରସଙ୍ଗ ଶାନ୍ତ ଓ ଏକାଗ୍ରତା ରହିବାର ଜ୍ଞାନ କୈଶଳ ସମ୍ପର୍କରେ ଅତିଥିମାନେ ସାର ଗର୍ଭକ ଆଲୋଚନା କରିଥିଲେ। ସଂସଦର ମୁଖପତ୍ର 'ବନକୁସୁମ' ଓ କାଳନ୍ଦୀ ଚରଣ ନାୟକଙ୍କ ସାମାଜିକ ନାଟକ 'ଭିନ୍ନ ସ୍ୱର' ପୁସ୍ତକ ଅତିଥି ମାନଙ୍କ ହସ୍ତରେ ଉନ୍ମୋଚନ ହୋଇଥିଲା। ସେହିପରି ତୃତୀୟ ଅଧିବେଶନ କବି ସମ୍ମିଳନୀର ସଭାପତି ଉମା ଚରଣ ମିଶ୍ରଙ୍କ ସମେତ ମୁଖ୍ୟ ଅତିଥି ଭାବେ ଡକ୍ଟର ସୁରେନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟ ବକ୍ତା ଭାବେ ଡକ୍ଟର ସୁଜିତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ କଳାରତ୍ନ ଇଂ ପ୍ରଫୁଲ୍ଲ କୁମାର ତ୍ରିପାଠୀ, ସଂଯୋଜନା ରେ ସୈଦାମିନୀ ମିଶ୍ର, ହରପ୍ରିୟା ମିଶ୍ର ଓ ଚିନ୍ମୟ ପଲୋଇ ମଞ୍ଚସୀନ ଥିଲେ। ଏଥିରେ ୪୦ରୁ ଊର୍ଦ୍ଧ୍ୱ କବି ନିଜସ୍ୱ କବିତା ପାଠ କରିଥିଲେ। ଚତୁର୍ଥ ଅଧିବେଶନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ 'ନାଟକ ଭୁଲ ସମୀକ୍ଷା' ମଞ୍ଚସ୍ଥ ହୋଇଛି। ଏଥିରେ ସଭାପତି ଭାବେ ଲାଲ ବାହାଦୁର ପଟ୍ଟନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଇଂ ପ୍ରମୋଦ କୁମାର ଚୈଧୁରୀ, ସମ୍ମାନିତ ଅତିଥି ଭାବେ ଭାବେ, ପୀତବାସ ପଣ୍ଡା, ରମେଶ ମହାରଣା, ଅନୀଲ ପାତ୍ର ଭବାନୀ ଶଙ୍କର ମିଶ୍ର, କିରଣ ବାଳା ମିଶ୍ର, ସ୍ୱର୍ଣ୍ଣ ପ୍ରଭା ପାଢ଼ୀ, ଲିଙ୍ଗରାଜ ନାହାକ, ପତିତପାବନ ରାଉତ, ଇଂରାଜୀ ଆଶୁତୋଷ ପାତ୍ର, କୁମୁଦ ଚନ୍ଦ୍ର ସାହୁ ପ୍ରମୁଖ ମଞ୍ଚସୀନ ଥିଲେ। ଏଥିରେ ନାଟକ ଭୁଲ ସମୀକ୍ଷା ମଞ୍ଚସ୍ଥ ହେଇଥିଲା। ନାଟକର ନାଟ୍ୟକାର କାଳନ୍ଦୀ ଚରଣ ନାୟକ, ମଞ୍ଚ ନିର୍ଦ୍ଦେଶକ ସତ୍ୟ ମହାରଣା, ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ ଶତପଥି, ସଙ୍ଗୀତ ନିର୍ଦ୍ଦେଶନା ଗୁରୁ ମାଧବ ପାତ୍ର, ସୁନୀଲ କୁମାର ସାବତ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ। ପରିଶେଷରେ ଅଧ୍ୟାପକ ସରୋଜ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ସହରରେ ସକ୍ରିୟ ଷ୍ଟାଇଲିସ୍ ଲୁଟେରା ଗ୍ୟାଙ୍ଗ**

## ଧରାପଡ଼ିବା ଭୟରେ ଗାଡ଼ି ରଖି ଚମ୍ପଟ ମାରିଲା ଲୁଟେରା

**ବ୍ରହ୍ମପୁର, ୨୩।୬(ସମିସ):** ବ୍ରହ୍ମପୁର ସହର ଭିତରକୁ ପ୍ରବେଶ କରିଛନ୍ତି ଏକ ଷ୍ଟାଇଲିସ୍ ଲୁଟେରା ଗ୍ୟାଙ୍ଗ। ଲୁଟେରାଙ୍କ କପଡ଼ା ଓ ଚାଲି ଚଳନ ଦେଖିଲେ ଲାଗୁଚି ଏମାନେ ବାହାର ଜିଲ୍ଲାର କିମ୍ବା ରାଜ୍ୟର। ସଫେଦ କପଡ଼ା ସହ ବୁଟ ପିନ୍ଧି ବୁଲୁଛନ୍ତି ସହରରେ। ଯାହାକୁ ଦେଖିଲେ ଲୋକେ ଚୋର କିମ୍ବା ଲୁଟେରା କହିବା ସମ୍ଭବ ନୁହେଁ। ସେମାନେ ଭିଡ଼ ସ୍ଥାନରୁ ହିଁ ବାଇକ ଚୋରି କରୁଥିବା ଅନୁମାନ କରାଯାଉଛି। ଏହି ଲୁଟେରା ଗ୍ୟାଙ୍ଗରେ ୩ଜଣ ସଦସ୍ୟ ଥିବା ସିସିଟିଭି ଫୁଟେଜରୁ ଅନୁମାନ କରାଯାଉଛି। ଗତ ୧୮ ତାରିଖ ସନ୍ଧ୍ୟା ୬ଟା ୫୫ମିନିଟ ସମୟରେ ବ୍ରହ୍ମପୁର ଷ୍ଟେସନ ରୋଡ଼ ସ୍ଥିତ ସର୍କିଟ ହାଉସ ନିକଟରେ ଥିବା ଜୟ ଜଗନ୍ନାଥ ଗେଷ୍ଟ ହାଉସ ସମ୍ମୁଖରୁ ଗୋଟିଏ ବାଇକ ଚୋରି କରିବାରେ ସଫଳ ହୋଇଥିଲେ ଏହି ଲୁଟେରା ଗ୍ୟାଙ୍ଗ। ଚୋରି ବେଳର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଥିଲା। ସେହିପରି ସେହିଦିନ ରାତି ୮ଟା ୨୦ମିନିଟ ସମୟରେ ଗୋଟିଏ ଲୁଟେରା ଗ୍ଲାମର ବାଇକକୁ ଗଡ଼ାଇ ଗଡ଼ାଇ ଆଣୀ ବ୍ରହ୍ମପୁର ଷ୍ଟେସନ ରୋଡ଼ ସ୍ଥିତ ସିଟି କିଚେନ ରେଷ୍ଟୁରାଣ୍ଟ ନିକଟରେ ଥିବା ଏକ ଦୋକାନ ସମ୍ମୁଖରେ ରଖିବା ବେଳେ ଆଉ ଏକ ଲୁଟେରା ଅନ୍ୟ ଏକ ବାଇକରେ ଉକ୍ତ ଦୋକାନ ନିକଟକୁ ଆସିଲା। ପରେ ଉଭୟ ଲୁଟେରା ଉକ୍ତ ଗ୍ଲାମର ଗାଡିକୁ ଷ୍ଟାର୍ଟ କରିବା ପାଇଁ ବହୁତ ଚେଷ୍ଟା କଲେ କିନ୍ତୁ ଗାଡି ଷ୍ଟାଟ ହୋଇନଥିଲା। ୮ଟା ୨୧ ମିନିଟ ସମୟରେ ଗୋଟିଏ ଲୁଟେରା ଘଟଣା ସ୍ଥଳରୁ ପଳାଇଥିବା ବେଳେ ଅନ୍ୟ ଏକ ଲୁଟେରା ଗାଡିକୁ ଷ୍ଟାର୍ଟ କରିବାକୁ ବହୁତ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲା।। ଧରାପଡ଼ିବା ଭୟରେ ଲୁଟେରା ଜଣକ ଉକ୍ତ ସ୍ଥାନରେ ଅନ୍ୟ କେଉଁ ସ୍ଥାନରୁ ଚୋରି କରିଥିବା ଗ୍ଲାମର ବାଇକକୁ ସେଠାରେ ରଖି ଚମ୍ପଟ ମାରିଥିଲେ। ଦୀର୍ଘ ୬ଦିନ ହେଲା ଉକ୍ତ ଦୋକାନ ନିକଟରେ ନଂ ବିହୀନ ଗ୍ଲାମର ବାଇକଟି ରହିଛି। ସ୍ଥାନୀୟ ଲୋକେ ଓ ବ୍ୟବସାୟମାନେ ଉକ୍ତ ବାଇକଟି କାହାର ଏଠାରେ ଅଛ ବୋଲି ଆଲୋଚନା ମଧ୍ୟ କରୁଛନ୍ତି। ଇତି ମଧ୍ୟରେ ଗତ୧୮ ତାରିଖରେ ସ୍ଥାନୀୟ ଜୟ ଜଗନ୍ନାଥ ଗେଷ୍ଟ ହାଉସ ନିକଟରୁ ଚୋରି ହୋଇଥିବା ବାଇକର ସିସିଟିଭି ଭିଡ଼ିଓକୁ ଦେଖି ଏ ଗାଡିକୁ ଉକ୍ତ ଲୁଟେରାମାନେ ଚୋରି କରି ଆଣି ଧରାପଡ଼ିବା ଭୟରେ ଏଠାରେ ଛାଡି ଦେଇ ଚମ୍ପଟ ମାରିଥିବା କହିଛନ୍ତି। ଏନେଇ ଲୋକେ ରବିବାର ପୁଲିସକୁ ଘଟଣା ସମ୍ପର୍କରେ ଫୋନ ଯୋଗେ ଜଣାଇଥିବା ଜଣାପଡ଼ିଛି। ବର୍ତ୍ତମାନ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବ ବୋଲି ଜଣାପଡ଼ିଛି। ଉକ୍ତ ଲୁଟେରା ଟିମକୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। କିନ୍ତୁ କୌଣସି ସଫଳତା ମିଳିନଥିବା ବେଳେ ଖୁବଶୀଘ୍ର ଲୁଟେରାକୁ କାବୁ କରାଯିବ ବୋଲି ଆଶା କରାଯାଇଛି।

**ଷ୍ଟେସନ୍ ରୋଡ଼ରେ ୬ଦିନ ହେଲା ପଡ଼ିରହିଛି ନମ୍ବରବିହୀନ ଚୋରି ବାଇକ୍**

## ସାମ୍ବାଦିକଙ୍କ ୭ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ବ୍ରହ୍ମପୁର, ୨୩।୬(ସମିସ):** ଓଡ଼ିଶା ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ ସଭାପତି ରବି ରଥଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ସାମ୍ବାଦିକ ପେନସନ ଓ ସୁରକ୍ଷା ସମେତ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ବିଜ୍ଞାପନ ପ୍ରଦାନରେ ସ୍ୱଚ୍ଛତା ରକ୍ଷା କରାଯାଇପାରିବ ସେନେଇ ସ୍ୱତନ୍ତ୍ର ନୀତି ପ୍ରଣୟନ କରିବା, ସରକାରଙ୍କ ସ୍ୱୀକୃତି ଅନୁମୋଦନ ପାଇଁ ଆବେଦନ କରିଥିବା ସମ୍ବାଦପତ୍ରଗୁଡ଼ିକ ପ୍ରତି କୋହଳ ମନୋଭାବ ଗ୍ରହଣ ସହ ସ୍ୱୀକୃତି ପ୍ରଦାନ କରିବା, ଯେଉଁମାନେ ସରକାରଙ୍କ ନୀତି ଅନୁସାରେ ଧାରାବାହିକ ଭାବେ ସମ୍ବାଦପତ୍ର ପ୍ରକାଶନ କରୁଛନ୍ତି, ସେମାନଙ୍କ ପ୍ରତି ପାତର ଅନ୍ତର ନ କରି ସରକାରୀ ସ୍ୱୀକୃତି ପ୍ରଦାନ କରିବା, ସମ୍ବାଦପତ୍ରର ସମ୍ପାଦକମାନଙ୍କୁ ରାଜ୍ୟସ୍ତରୀୟ ଅଧିସ୍ୱୀକୃତି ପ୍ରଦାନ କରିବା, କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରଗୁଡ଼ିକୁ ପୂର୍ବରୁ ଦିଆଯାଉଥିବା ସର୍ବନିମ୍ନ ବିଜ୍ଞାପନ ଦେୟକୁ ବୃଦ୍ଧି କରି କାଗଜ, କାଳି ଓ ବୈଦ୍ୟୁତିକ ଖର୍ଚ୍ଚ ଏବଂ ବିଭିନ୍ନ ସାମଗ୍ରୀର ବୃଦ୍ଧି ଦୃଷ୍ଟିରୁ ଏହାକୁ ସର୍ବନିମ୍ନ କଲମ୍ ସିମ୍ ପ୍ରତି ୨୫ଟଙ୍କା କରିବା, ସମସ୍ତ ପ୍ରକାଶକମାନ ଓ ସମ୍ପାଦକଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପରିସରଭୁକ୍ତ କରିବା ସହ ବୀମା ରାଶି ୧୦ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ଦାବି କରାଯାଇଛି। ଓଡ଼ିଶାରେ ସାମ୍ବାଦିକଙ୍କ ଲାଗି ପେନସନ ଯୋଜନା ପ୍ରଣୟନ କରିବା ସହିତ ସାମ୍ବାଦିକ ସୁରକ୍ଷା ଆଇନ ମଧ୍ୟ ପ୍ରଣୟନ କରିବାକୁ ଦାବିପତ୍ରରେ କୁହାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଏହି ପ୍ରତିନିଧି ଦଳରେ ପ୍ରକାଶ ଚନ୍ଦ୍ର ନାୟକ, ସ୍ୱଦେଶ ଚନ୍ଦ୍ର ଦାସ, ରମାକାନ୍ତ ପରିଜା, ମନୋଜନ କୁମାର ବେହେରା, ମୁରଲୀ ମିଶ୍ର, ବାବୁଲି ବେହେରା, ଜ୍ୟୋତି ରଞ୍ଜନ ବେହେରା, ନିତ୍ୟ ନିରଞ୍ଜନ ପଣ୍ଡାଙ୍କ ସମେତ ସମ୍ପାଦକ ଉପସ୍ଥିତ ଥିଲେ।

भारत सरकार • अंतरिक्ष विभाग / GOVERNMENT OF INDIA - DEPARTMENT OF SPACE
निर्माण एवं अनुरक्षण समूह, एसडीएससी-शार / CONSTRUCTION AND MAINTENANCE GROUP, SDSC-SHAR
श्रीहरिकोटा / नेल्लूर (जिला), आं.प्र. / SRIHARIKOTA - 524124

संक्षिप्त ई–निविदा सूचना / Brief E-TENDER NOTICE

ई–निविदा सूचना सं. / e- Tender Notice No:SHAR/CMD/E/B 2487202/2024-25 Corrigendum तिथि/ Date. 21.06.2024

भारत के राष्ट्रपति की ओर से, "चांदीपुर, उड़ीसा में पर्यावरणीय एवं अंतरिक्ष अनुसंधान सुविधा (एएसआरएफ)। (विद्युत कार्य)।" (अनुमानित लागत: ₹297.54 लाख के लिए ई–निविदा के माध्यम से मद दर निविदाएं आमंत्रित की जाती हैं। निविदा दस्तावेज 30.06.2024 को 14:30 बजे तक डाउनलोड किए जा सकते हैं। विस्तृत सूचना हेतु इच्छुक निविदाकार हमारी वेबसाइट www.isro.gov.in या www.tenderwizard.com/ISRO पर जा सकते हैं।

On behalf of President of India, Item Rate tenders are invited through e-tendering for **"Atmospheric and Space Research Facility (ASRF) at Chandipur, Odisha. (Electrical works)"** **(Estimated cost: ₹297.54 Lakhs)**. Tender documents can be downloaded up to **30.06.2024 , 14:30** hrs. Interested tenderers may visit www.isro.gov.in or www.tenderwizard.com/ISRO for details.

हस्ताक्षरित- समूह प्रधान, सीएमजी / एसडीएससी शार / Sd/- GROUP HEAD, CMG / SDSC SHAR

## ଗଞ୍ଜେଇ ଜବତ, ୨ ଗିରଫ

**ଫିରିଙ୍ଗିଆ, ୨୩।୬(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ପବିଙ୍ଗିଆ ପଞ୍ଚାୟତ ପତଖୋଲ ଛକ ନିକଟରୁ ଫୁଲବାଣୀ ସଦର ଅବକାରୀ ବିଭାଗ ରବିବାର ୭୫ କିଲୋ ଗଞ୍ଜେଇ ଜବତ କରିବା ସହ ଏ ସମ୍ପର୍କରେ



ଦୁଇଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ରବିବାର ସକାଳେ ଦୁଇଜଣ ବ୍ୟକ୍ତି ପତଖୋଲ ଗାଁ ଛକ ନିକଟରେ ୪ ଗଞ୍ଜେଇ ଭର୍ତ୍ତି ବସ୍ତା ରଖି ଚାଲାଣ କରିବା ପାଇଁ ଗାଡିକୁ ଅପେକ୍ଷା କରିଥିବା ସମୟରେ କୌଣସି ସୂତ୍ରରୁ ଖବରପାଇ ଅବକାରୀ ବିଭାଗ କର୍ମଚାରୀ ମାଡ଼ିବସିଥିଲେ। ଗିରଫ ୨ ଅଭିଯୁକ୍ତ ପତଖୋଲ ଗାଁର ସନୁଜ ମହାକୁଡ଼ ଓ ସର୍ବେଶ୍ୱର ମହାକୁଡ଼ ବୋଲି ଜଣାପଡ଼ିଛି। ଜବତ ଗଞ୍ଜେଇ ବ୍ରହ୍ମପୁରକୁ ଚାଲାଣ କରାଯାଉଥିବା ଓ ଗିରଫ ଦୁଇ ଅଭିଯୁକ୍ତ ପେଷାଦାର ଗଞ୍ଜେଇ ମାଫିଆ ବୋଲି ଜଣାଡିଛି। ଘଟଣା ରେ ଫୁଲବାଣୀ ସଦର ଅବକାରୀ ବିଭାଗରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲନା କରାଯାଇଛି।

## ୩ ମୋବାଇଲ ଚୋରି ଘଟଣାରେ ଜଣେ ଗିରଫ

ଫିରିଙ୍ଗିଆ, ୨୩।୬(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ସହରର ଜଣେ ସାମ୍ବାଦିକଙ୍କ ମୋବାଇଲ ଚୋରି କରି ଜଣେ ଗିରଫ ହୋଇଥିବା ଜଣାପଡ଼ିଛି। ଗିରଫ ଚୋର ଜଣକ ଫିରିଙ୍ଗିଆ ସହର ମୁଖିସାହିର ପିତାମ୍ବର ମୁଖି ବୋଲି ଜଣାପଡ଼ିଛି। ଗତ ୧୮ ତାରିଖ ଦିନ ଅଭିଯୁକ୍ତ ଜଣକ ଘରେ କେହି ନ ଥିବାର ସୁଯୋଗ ନେଇ ସାମ୍ବାଦିକ ମହାଦେବ ସାହୁଙ୍କ ଘରେ ପସି ୩ଟି ମୋବାଇଲ ଚୋରି କରି ଫେରାର ହୋଇଯାଇଥିଲା। ଏନେଇ ଶ୍ରୀ ସାହୁ ଫିରିଙ୍ଗିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ଅଭିଯୁକ୍ତ ଚୋର କୁ ଫିରିଙ୍ଗିଆ ଥାନା ଡ଼ିମିରିଗୁଡା ଗାଁରୁ ଗିରଫ କରିବା ସହ ତା ପାଖରୁ ଚୋରିହୋଇଥିବା ୩ ମୋବାଇଲ ଜବତ କରିଥିଲା। ସମ୍ପୃକ୍ତ ଚୋର ନାଁରେ ଆଗରୁ ଅନେକ ମୋବାଇଲ ଚୋରି ଅଭିଯୋଗ ରହିଥିବା ବେଳେ ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେଦିଗରେ ଅଧିକ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି।

### ଆର୍ଯ୍ୟଭଟ୍ଟ ଲର୍ଣ୍ଣିଂ ଫୋରମର ବାର୍ଷିକ ସମ୍ବର୍ଦ୍ଧନା ଉତ୍ସବ 'ପ୍ରେରଣା'

# 'ସଫଳତାକୁ ସମାଜ ହିତରେ ବିନିଯୋଗ କର'

ବ୍ରହ୍ମପୁର, ୨୩।୬(ସମିସ)







ଆର୍ଯ୍ୟଭଟ୍ଟ ଲର୍ଣ୍ଣିଂ ଫୋରମର ବାର୍ଷିକ ସମ୍ବର୍ଦ୍ଧନା ଉତ୍ସବ 'ପ୍ରେରଣା' କାର୍ଯ୍ୟକ୍ରମ ମହା ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରୀୟ ସ୍ତରର ପ୍ରବେଶିକା ପରୀକ୍ଷା ଜେଇଇ ମେଇନସ, ଆଡ଼ଭାନ୍ସ ଓ ନିଟ୍ ଭଳି ବିଭିନ୍ନ କ୍ଷେତ୍ରର ସଫଳତା ଅର୍ଜନ କରିଥିବା ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

ଅନୁଷ୍ଠାନର ପ୍ରତିଷ୍ଠାତା ବରିଷ୍ଠ ପରିବେଶବିତ ସୁଧିର ସାବତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟର ସହକାରୀ ପ୍ରାଧାପକ ତଥା ସୁନାମଧନ୍ୟ କଣ୍ଠଶୀଳ୍ପି ଡାକ୍ତର ଚନ୍ଦନ ଗନ୍ତାୟତ ଯୋଗଦେଇ ବିଦ୍ୟାର୍ଥୀଙ୍କୁ ଅନେକ ପରାମର୍ଶ ପ୍ରଦାନ କରିଥିଲେ। ପ୍ରତ୍ୟେକ ବିଦ୍ୟାର୍ଥୀ ନିଜ ଜୀବନରେ କୃତଜ୍ଞ ହେବା ସହ ମାତାପିତା ଓ ଗୁରୁଜନଙ୍କ ପ୍ରତି ଭକ୍ତି ସଦା ନିଜ ଭିତରେ ଜାଗ୍ରତ ରଖିବାକୁ କହିଥିଲେ। ଜୀବନରେ ପ୍ରତ୍ୟେକ ମୁହୂର୍ତ୍ତି ଏକ ଶିକ୍ଷା, ପ୍ରତ୍ୟେକ ବ୍ୟକ୍ତିଙ୍କଠାରେ କିଛି ନା କିଛି ପ୍ରତିଭା ଲୁଚି ରହିଥାଏ। ଏହି ସବୁକୁ ଜଣେ ଆଉ ଜଣଙ୍କଠାରୁ ଗ୍ରହଣ କରିବା ଉଚିତ ବୋଲି ସେ

### ଜୀବନରେ କୃତଜ୍ଞ ହୁଅ - ଡାକ୍ତର ଚନ୍ଦନ ଗନ୍ତାୟତ

ପରାମର୍ଶ ଦେବା ସହିତ ଜୀବନରେ ଆଗକୁ ବଢ଼ିବାର ଅନେକ ପ୍ରେରଣା ପ୍ରଦାନ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସୁଧୀର ସାବତ କହିଥିଲେ ଯେ, ନିଜର ସଫଳତାକୁ ନେଇ ସମସ୍ତେ ଗର୍ବ କରିବା ଦରକାର, ଏହି ସଫଳତା ସମାଜ ଲାଗି ବିନିଯୋଗ କର ବୋଲି ସେ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ଚଳିତବର୍ଷ ନିଟ୍ ପରୀକ୍ଷାରେ ହୋଇଥିବା ବିଭ୍ରାଟକୁ ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ଆର୍ଯ୍ୟଭଟ୍ଟ ଫାଉଣ୍ଡେସନର ବରିଷ୍ଠ ସ୍ୱେଚ୍ଛାସେବୀ ତଥା ଶିକ୍ଷାବିତ୍ ଶ୍ୟାମସୁନ୍ଦର ଖାଡଙ୍ଗା ସ୍ୱାଗତ ଭାଷଣ ଦେବା ସହ ଏହି ଫାଉଣ୍ଡେସନ୍‌ର ସମର୍ପିତ ସମାଜସେବା ଓ ଅନୁଷ୍ଠାନ ମୁଖ୍ୟଙ୍କ ସହ ସମାଜ ପାଇଁ ତ୍ୟାଗପୁତ ଜୀବନରେ ନିଜ ଅନୁଭୂତି ବିଷୟରେ କହିଥିଲେ।

ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରବନ୍ଧକ ସୁଶାନ୍ତ ମହାନ୍ତି ଓ କର୍ମଚାରୀମାନେ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମର ଆକର୍ଷଣ ଥିଲେ ଦୁଇ ହିରୋ ବିକାଶ ସାହୁ ଓ ନୀର ମଲ୍ଲିକ। ଦୁହେଁ ସମାଜର ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ର। ଶୈଶବରୁ ପିତୃହରା ବିକାଶ ନିପଟ ମଫସଲରୁ। ବାପାଙ୍କ ମୃତ୍ୟୁ ପରେ ବଡ଼ା ପାକୁଡି ଗାଁରେ ବିକି ପରିବାର ଗୁଜରାଣ ମେଣ୍ଟେଇବା ସହ ପାଠ ପଢ଼ି ୧୦ମ ପାସ୍ କରିଥିଲେ। ପାଠପଢ଼ିବା ଇଚ୍ଛା ଥିଲେ ମଧ୍ୟ ଆର୍ଥିକ ସମସ୍ୟା ରାସ୍ତା ଓଗାଳିଥିଲା।

ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ବିପଦର ବନ୍ଧୁ' ସହାୟତାର ହାତ ବଢ଼େଇ ତାଙ୍କର ରହିବା ଖାଇବା ଖର୍ଚ୍ଚ ବହନ କରେ ଓ ଆର୍ଯ୍ୟଭଟ୍ଟ ତାଙ୍କୁ ଦୁଇ ବର୍ଷ ମାଗଣା ଶିକ୍ଷା ଦାନ କରନ୍ତି। ବିକାଶ କୃତିତ୍ୱର ସହ ଦ୍ୱାଦଶ ପାସ୍ କରିବା ସହ ଜେଇଇ ମେନସ ଓ ନିଟି ପରୀକ୍ଷାରେ ସଫଳ ହୋଇଛନ୍ତି। ନୀର ମଲ୍ଲୀକ ଆଦିବାସୀ ଗାଁର ପିଣ୍ଡହରା ପିଲା। କଷ୍ଟେମଷ୍ଟେ ନବୋଦୟ ବିଦ୍ୟାଳୟରୁ ୧୦ମ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ଯୁକ୍ତଦୁଇ ପାସ କରି ପଢ଼ାରେ ଡୋରୀ ବାନ୍ଧିବା ବେଳେ ବିପଦର ବନ୍ଧୁ ଦ୍ୱାରା ଆର୍ଯ୍ୟଭଟ୍ଟରେ ପହଞ୍ଚି ନିଃଶୁଳ୍କ ଶିକ୍ଷାଗ୍ରହଣ କରନ୍ତି। ସେ ଆଡ୍‌ଭାନ୍ସ୍ ପାଇଁ କୃତ କାର୍ଯ୍ୟ ହେବା ସହ ଘରଞ୍ଚ ପରୀକ୍ଷାରେ ମଧ୍ୟ କୃତକାର୍ଯ୍ୟ ହୋଇଛନ୍ତି। ସେହିଭଳି ଏଭଳି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଅନୁଷ୍ଠାନର ବହୁ ବିଦ୍ୟାର୍ଥୀଙ୍କୁ ଏଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଫିରିଙ୍ଗିଆ ଶଙ୍ଖକ୍ଷେତ୍ରରେ ଦେବସ୍ନାନ ପୂର୍ଣ୍ଣିମା

**ଫିରିଙ୍ଗିଆ, ୨୩।୬(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆସ୍ଥିତ ଶଙ୍ଖକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦେବସ୍ନାନ ପୁର୍ଣମା ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ମନ୍ଦିରର ମୁଖ୍ୟପୂଜକ କାଳିଆ ପଣ୍ଡାଙ୍କ ସହ ବ୍ରାହ୍ମଣ ସେବାୟତ ମହାପ୍ରଭୁଙ୍କୁ ମନ୍ଦିର ପ୍ରାଙ୍ଗଣରେ ଥିବା ସ୍ନାନମଣ୍ଡପ କୁ ପହଣ୍ଡି କରି ଆଣିବା ପରେ



ପୂଜା ପାଠ ସହ ୧୦୮ ଗରାରେ ସୁବାସିତ ଜଳରେ ସ୍ନାନ କରାଇଥିଲେ। ସନ୍ଧ୍ୟାରେ ମହାପ୍ରଭୁଙ୍କୁ ସେବାୟତ ଗଜାନନ ବେଶରେ ସୁସଜ୍ଜିତ କରିଥଲେ। ମହାପ୍ରଭୁଙ୍କ ହାତୀ ବେଶ ଦେଖିବା ପାଇଁ ସନ୍ଧ୍ୟାରେ ଭିଡ ପରିଲକ୍ଷିତ ହୋଇଥିଲା। ମହାପ୍ରଭୁଙ୍କ ସ୍ନାନ ଯାତ୍ରା ଫିରିଙ୍ଗିଆ ବ୍ରାହ୍ମଣ ସମାଜ ସଭାପତି ବାଲୁଙ୍କେଶ୍ୱର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

## ରୋଟାରୀ କ୍ଲବ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ

**ଫୁଲବାଣୀ, ୨୩।୬(ସମିସ):** ଫୁଲବାଣୀ ବନ ବିଭାଗ ରେଞ୍ଜ ସହାୟତାରେ କନ୍ଧମାଳ ଜିଲ୍ଲା ରୋଟାରୀ କ୍ଲବ ଫୁଲବାଣୀ ପକ୍ଷରୁ ସ୍ଥାନୀୟ ପବ୍ଲିକ୍ ସ୍କୁଲ୍ ସମ୍ମୁଖରେ ଥିବା ଅନ୍ୱେଷା ହଷ୍ଟେଲ୍ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ବନାଞ୍ଚଳ ଅଧିକାରୀ ଶିବାନନ୍ଦ ଲେଙ୍କା ଯୋଗ ଦେଇ ଚାରାରୋପଣ ମହତ୍ତ୍ୱପୂର୍ଣ୍ଣ କାରଣ ଏହା ଖାଇବା ପାଇଁ ଭଲ ଖାଦ୍ୟ ଏବଂ ନିଶ୍ୱାସ ପ୍ରଶ୍ୱାସ ନେବା ପାଇଁ ଆମର ମୌଳିକ ଆବଶ୍ୟକତା ସହିତ ଜଡିତି ବୋଲି କହିଥିଲେ। ସେହିପରି ବରିଷ୍ଠ ସାମ୍ବାଦିକ ତଥା ରୋଟାରିଆନ ସୁନୀଲ କୁମାର ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ରୋଟାରୀ କ୍ଲବ ସଭାପତି ହରିଶ୍ଚନ୍ଦ୍ର ମହାରଣା, ବିଶିଷ୍ଟ ସମାଜସେବୀ ତଥା ରୋଟାରିଆନ ବିପ୍ର ଚରଣ ପାତ୍ର, ବରିଷ୍ଠ ଆଇନଜୀବୀ ବିଜୟ କୃଷ୍ଣ ପଟ୍ଟନାୟକ ଯୋଗ ଦେଇ ଗଛ ଲଗାଇବାର ଉପକାରିତା ସମ୍ପର୍କରେ କହିଥିଲେ। ରୋଟାରୀ କ୍ଲବ ସଭାପତି ବିରାଜିନି ମହାପାତ୍ର, ସମ୍ପାଦିକା ସୁନିତୀ ଆଚାରୀ, ମିନି ନାୟକ, ବିରଜା ପ୍ରସାଦ ନାହାକ, କୁନ୍ଦନ ସିଂ, ପଦ୍ମ ଚରଣ ସ୍ୱାଇଁ, ରବୀନ୍ଦ୍ର ନାଥ ସୁବୁଦ୍ଧି, ଦେବେନ୍ଦ୍ର ପାତ୍ର, ପି.କେ ପଣ୍ଡା, ଡା.ଅକ୍ଷୟ ପଣ୍ଡାଙ୍କ ସମେତ ସାମ୍ବାଦିକ ତଥା ଜିଲ୍ଲା ମିଡିଆ ଫୋରମର ସମ୍ପାଦକ ଆଦିତ୍ୟ ପ୍ରସାଦ ତ୍ରିପାଠୀ, ଉପସଭାପତି ବୈନ୍ୟ ନାଥ ନାୟକ, କୋଷାଧକ୍ଷ ପ୍ରଶାନ୍ତ ଜେନା, ସଦସ୍ୟ ଶିବ ବିଶ୍ୱାଳ, ବ୍ରଜ ମୋହନ ନାୟକ, ଶିବ ନାୟକ ଓ ସାମ୍ବାଦିକ ସଦାଶିବ ପାତ୍ର, ଫରେଷ୍ଟର ସରୋଜ ମିଶ୍ରଙ୍କ ସମେତ ବନ କର୍ମଚାରୀ ଓ ହଷ୍ଟେଲ ଅନ୍ତେବାସୀ ସହଯୋଗ କରିଥିଲେ।

## ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ

**ଜି.ଉଦୟଗିରି, ୨୩।୬(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ବିଜେପି ତରଫରୁ ଦଳୀୟ କାର୍ଯ୍ୟାଳୟରେ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୨ ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ମାୟାବନ୍ଧୁ ପ୍ରଧାନ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ମାନଗୋବିନ୍ଦ ପ୍ରଧାନ, ନଗର ସମ୍ପାଦକ ପ୍ରଶାନ୍ତ ବଗର୍ତ୍ତି, ଜିଲ୍ଲା ସମ୍ପାଦକ ଭେଙ୍କେଟେଶ୍ୱର ବେହେରାଙ୍କ ସହିତ ବରିଷ୍ଠ କର୍ମୀ ନବ କିଶୋର ପ୍ରଧାନ, ଲକ୍ଷ୍ମଣ ଆଚାର୍ଯ୍ୟ, ପ୍ରୀୟବ୍ରତ ସାହୁ, ବିରାଜ କହଁର, ନାରାୟଣ ପ୍ରଧାନ, ଅନ୍ତର୍ଯ୍ୟାମୀ ମଳିକ, ଚକ୍ରଧର ପ୍ରଧାନ ଓ ପ୍ରଶାନ୍ତ ମୂନୀ ଯୋଗ ଦେଇଥିଲେ। ସମାଜ ପାଇଁ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ସମ୍ପର୍କରେ ଆଲୋଚନା କରାଯିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା।



## ବିଶ୍ୱ ସଙ୍ଗୀତ ଦିବସରେ ସଙ୍ଗୀତ ଉତ୍ସବ

**ଫୁଲବାଣୀ, ୨୩।୬(ସମିସ):** କନ୍ଧମାଳ ଜିଲ୍ଲାର ସଙ୍ଗୀତ ଦିବସ ଅବସରରେ ଅନୁଷ୍ଠାନ 'ସଙ୍ଗୀତ ସାଧନା' ଦ୍ୱାରା ଏକ ସଙ୍ଗୀତ ଉତ୍ସବ ସ୍ଥାନୀୟ ରୋଟାରୀ କ୍ଲବରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ବିପ୍ର ଚରଣ ପାତ୍ର, ସମ୍ମାନୀତ ଅତିଥି ହିଞ୍ଜିଳିକାଟୁ ମହାବିଦ୍ୟାଳୟର ଅଧକ୍ଷ ଦୀନବନ୍ଧୁ ମହାନ୍ତି ଓ ସମାଜସେବୀ କୁମାର କୁନ୍ଦନ ସିଂହ ଯୋଗଦାନ କରିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ ସଭାପତିତ୍ୱ କରିଥିଲେ। ଅତିଥି ମାନେ ଏହି ଦିବସର ମହତ୍ତ୍ୱ ଏବଂ ସାମ୍ପ୍ରତିକ ପରିସ୍ଥିତିରେ ସଙ୍ଗୀତର ସ୍ଥାନ ସମ୍ପର୍କରେ




ଆଲୋଚନା କରିଥିଲେ। ଏହି ଅବସରରେ ଜୀବନ ବ୍ୟାପି ସଙ୍ଗୀତ ସାଧନା ନିମନ୍ତେ ତନୁଜା ମହାନ୍ତି, ଅସିତ ନନ୍ଦଙ୍କୁ ସଙ୍ଗୀତ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା। ସେହିଭଳି ଅଭିନୟ କ୍ଷେତ୍ରରେ ପାଇଁ ବିଶିଷ୍ଟ ମଞ୍ଚ ତଥା ଚଳଚ୍ଚିତ୍ର ଅଭିନେତା ଯୁଧିଷ୍ଠିର ମହାନ୍ତି ଏବଂ ବିଭୁତି ପଣ୍ଡା, ସୁରପ୍ରସାଦ ନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିଭଳି ସଙ୍ଗୀତ ଗୁରୁ ଶରତ ଚନ୍ଦ୍ର ପଟ୍ଟନାୟକ, କଣ୍ଠଶିଳ୍ପୀ ସନ୍ତୋଷ କୁମାର ଦାସ, ଅଲିଭା ଦାସ, କାହ୍ନୁ ଚରଣ ଦିଗଲ, କ୍ଷୀରାବ୍ଧି ତନୟା ଦାସ, ମନୀଷା ଦିଗାଲ, ବିଦ୍ୟୁତ୍ ନାୟକ, ସେକ୍ସୋଫୋନ୍ ଯନ୍ତ୍ରଶିଳ୍ପୀ ସରୋଜ ନାୟକ, ପଞ୍ଚାନନ ସାହୁ, ଦେବାଶିଷ ଜାନୀ, ଜିତେନ୍ଦ୍ର ସାହୁ, ଖୁସବୁ ବିପ୍ର ସାହାଣୀ, କୁନି କଣ୍ଠଶିଳ୍ପୀ ସାତ୍ତ୍ୱିକ କୁମାର ଦାସ, କୁନି ବଂଶୀ ବାଦକ ଅବିନାଶ ନାୟକ, ନୃତ୍ୟଶିଳ୍ପୀ ତେଜସ୍ୱିନୀ ତ୍ରିପାଠୀ, ଜେସିକା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଅନୁଷ୍ଠାନର ସମ୍ପାଦକ ସନ୍ତୋଷ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ପ୍ରସନ୍ନ କୁମାର ପଣ୍ଡା ପରିଚାଳନା କରିଥଲେ। ଅଶୋକ ମହାନ୍ତି ସଂଯୋଜନା ଓ ବିନୋଦ ଚନ୍ଦ୍ର ସାହୁ ସହଯୋଗ କରିଥିଲେ। ଅନୁଷ୍ଠାନର କଣ୍ଠଶିଳ୍ପୀଙ୍କ ଦ୍ୱାରା କଣ୍ଠ ସଙ୍ଗୀତ ପରିବେଷଣ, ବଂଶୀ ବାଦନ ଏବଂ ସେକ୍ସୋଫୋନ୍ ବାଦନ କରଯାଇଥିଲା।

## ୨୫ନଂ ୱାର୍ଡରେ ବିଧାୟକଙ୍କୁ ସମ୍ବର୍ଦ୍ଧନା



**ବ୍ରହ୍ମପୁର, ୨୩।୬(ସମିସ):** ବ୍ରହ୍ମପୁର ମହାନଗର ନିଗମ ୨୫ନଂ ୱାର୍ଡ଼ର ଜନସାଧାରଣଙ୍କ ପକ୍ଷରୁ ନବନିର୍ବାଚିତ ବିଧାୟକ କେ.ଅନିଲ କୁମାରଙ୍କୁ ବିଜିପୁର ସ୍ଥିତ ମାଁ କାଳୁଆ ମନ୍ଦିର କଲ୍ୟାଣ ମଣ୍ଡପଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ଯୁବନେତା ଗାଣା ସ୍ୱାମୀଙ୍କ ନେତୃତ୍ୱରେ ବହୁ ସଂଗଠନର କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ସାହି ବାସିନ୍ଦା ଉପସ୍ଥିତ ରହି ବିଧାୟକଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଧାରାରେ ବ୍ରହ୍ମପୁରକୁ ସାମିଲ୍ କରିବା ସହ ବ୍ରହ୍ମପୁର ସହରକୁ ଅପରାଧ ମୁକ୍ତ କରିବା ମୂଳ ଲକ୍ଷ୍ୟ ବୋଲି ବିଧାୟକ କେ.ଅନିଲ କୁମାର ଏଠାରେ କହିଥିଲେ। ଏହା ସହ ବିଜିପୁର ଅଞ୍ଚଳବାସୀ ବିଭିନ୍ନ ସମସ୍ୟା ଉପରେ ବିଧାୟକ କେ.ଅନିଲ କୁମାରଙ୍କୁ ଅବଗତ କରାଇଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ଗୋଷାଣୀନୂଆଗାଁ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ଚୌଧୁରୀ, ବ୍ରହ୍ମପୁର ଜୋନ୍ ମିଡ଼ିଆ ସଂଯୋଜକ ସୁନିଲ କୁମାର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ମଣ୍ଡଳ ଉପସଭାପତି ଏସ୍.ଶ୍ରୀନିବାସ, ରବି ନାରାୟଣ ସାବତ, ସାଧାରଣ ସମ୍ପାଦକ ମନୋଜ ପାଢ଼ୀ, ବରିଷ୍ଠ ଆଇନଜୀବି ପିତବାସ ପଣ୍ଡା, ଲଳିତ ମଙ୍ଗରାଜ, ଅଶୋକ ଶୁକ୍ଳା, ସଞ୍ଜୟ ଜେନା, ପତିତପାବନ ଗନ୍ତାୟତ, ଜିଲ୍ଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବର୍ଷା ବିଦ୍ୟୁସ୍ମିତା, ମଣ୍ଡଳ ସମ୍ପାଦକ ଶୀତଲ୍ ଜେନା, ଯୁବମୋର୍ଚ୍ଚା ସଭାପତି ଡ଼ି.ଅନିଲ ରାଓ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଗୀତା ଦାସ, ପ୍ରଦୀପ ରାଓ, ସୁନିଲ ପାତ୍ର, ଏସ୍.ଲିଙ୍ଗରାଜ, ପ୍ରବୀର ପାତ୍ର, ଚନ୍ଦନ ବେହେରା, ଚିକୁ ମୁନି, ପ୍ରତାପ ରାଓ, ବାଲା ସ୍ୱାମୀ, ସୁଧାକର ବାବୁ, ୱାଇ ଶିବା ରାଓ, ପି.ଶିବାଶିଷ ପାତ୍ର, ଜ୍ଞାନ ବିଷୋୟୀ, ସନ୍ତୋଷୀ ଦାସ, ରବି ମହାରଣା ପ୍ରମୁଖଙ୍କ ସମେତ ବିଜିପୁର ଅଞ୍ଚଳର ସମାଜସେବୀ ଚଗଲା ମାଝୀ, ଯୁବ ନେତା ବଶ୍ୱଜିତ ପାତ୍ର ପ୍ରମୁଖ ଉପସ୍ଥିତ ରହି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

### ସରକାରୀ ନିର୍ଦ୍ଦେଶ ମାନୁଛି କିଏ

## ରମ୍ଭା ଅଞ୍ଚଳରେ ପଲିଥିନ୍‌ର ବହୁଳ ବ୍ୟବହାର

ରମ୍ଭା, ୨୩।୬(ସମିସ)



ସ୍ଥାନୀୟ ଅଞ୍ଚଳ ସମେତ ପାରିପାର୍ଶ୍ୱିକ ଗ୍ରାମାଞ୍ଚଳ ମାନଙ୍କରେ ପଲିଥିନର ବହୁଳ ବ୍ୟବହାର ଯୋଗୁଁ ପରିବେଶ ଦୂଷିତ ହେବାରେ ଲାଗିଛି। କେବଳ ଜଙ୍ଗଲ କ୍ଷୟ ନୁହେଁ ମୃତ୍ତିକା ଓ ବାଲି ଖନନଠାରୁ ଆରମ୍ଭ କରି ପେଟ୍ରୋଲ ଓ ଡିଜେଲ ଚାଳିତ ଯାନବାହାନ ସହ ଫ୍ରିଜ ଓ ଏସି ଭଳି ଅତ୍ୟାଧୁନିକ ସାମଗ୍ରୀର ବହୁଳ ତଥା ପଲିଥିନର ମାତ୍ରାଧିକ ବ୍ୟବହାର ଆଜି ସମଗ୍ର ମାନବ ଜାତିକୁ ଧ୍ୱଂସ ମୁଖକୁ ଟାଣି ନେଉଛି। ଆଧୁନିକତା ନାମରେ ପରିବେଶକୁ ଦୂଷିତ କରି ନିଜ ସୁରକ୍ଷାକୁ ଭୁଲି ଯିବାକୁ ବସିଲେଣି। ରାଜ୍ୟଠାରୁ କେନ୍ଦ୍ର ସରକାର ପର୍ଯ୍ୟନ୍ତ ପଲିଥିନର ମାତ୍ରାଧିକ ବ୍ୟବହାର ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ ବୋଲି ଜାଣିବା ପରେ ଏଥିରେ ରୋକ ଲଗାଇଛନ୍ତି। ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରି ଆସିଥିବା ବେଳେ ପଲିଥିନର କ୍ରମଶଃ ବହୁଳ ବ୍ୟବହାର ଏହି ଦିବସ ପାଳନକୁ ଉପହାସ କରିଛି। ଉଚ୍ଚ ନ୍ୟାୟାଳୟ ୨୦୦୨ ମସିହାରେ ପଲିଥିନ ବ୍ୟବହାରକୁ ରୋକ ଲଗାଇ ତାହା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତାହା ଇତି ମଧରେ ୨୨ ବର୍ଷ ବିତିଯାଇଥିଲେ ବି କାର୍ଯ୍ୟକାରୀ ହୋଇପାରିନାହିଁ। ୫୦ ମାଇକ୍ରୋନରୁ କମ ପଲିଥିନ ବ୍ୟବହାର କରିବା ଆଇନ ବିରୋଧ ହୋଇଥିବା ବେଳେ ପାନ ଦୋକାନରୁ ଆରମ୍ଭ କରି ତେଜରାତି ଦୋକାନ, ପନିପରିବା, ମିଷ୍ଟାନ୍ନ ଦୋକାନ, ମାଛ ମାଂସ ଭଳି ବିଭିନ୍ନ ସାମଗ୍ରୀ ଗ୍ରାହକ ମାନଙ୍କୁ ଏହି ପଲିଥିନ ଦିଆଯାଉଛି। ଯାହାକୁ ଆମେ ମାନେ ୟୁଜ୍ ଆଣ୍ଡ ଥ୍ରୋ ଭଳି ବିଭିନ୍ନ ସ୍ଥାନରେ ଫିଙ୍ଗିବା ଫଳରେ ପରିବେଶ ଦୂଷିତ ହେବା ସହ ଗାଈଗୋରୁ ଭଳି ପଶୁମାନେ ତାହା ଖାଇବା ଦ୍ୱାରା ତାଙ୍କର ପାଚନ ଶକ୍ତି ହ୍ରାସ ହେଉଛି ଓ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଜାଗାରେ ଜମା ହୋଇ ପରିବେଶକୁ ଦୁର୍ଗନ୍ଧ ଯୁକ୍ତ କରିବା ସହ ମୃତ୍ତିକା ଅବକ୍ଷୟ କରେ। ସଦ୍ୟ ନିର୍ବାଚନ ସାରିଥିବା ବେଳେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଜାଗାରେ ପଲିଥିନର ସଭା ସମିତିର ବ୍ୟାନର, ଅଭିନନ୍ଦନ ବାର୍ତ୍ତା ଯେଉଁଠି ନାହିଁ ସେଇଠି ପଡ଼ି ରହିଥିବାରୁ ଏହା ମାନବ ଜାତି ପାଇଁ ବିପଦର ଘଣ୍ଟି ହୋଇଛି। ପୂର୍ବରୁ କାଗଜ ତିଆରି ଠୁଙ୍ଗା ବ୍ୟବହାର ହେଉଥିବା ବେଳେ ଆଜି ତାହା ହଜିଯିବାକୁ ବସିଲାଣି। ପରିବେଶ ସୁରକ୍ଷା ସହ ମାନବ ଜାତିର ରକ୍ଷା ଦିଗରେ ସରକାର, ବିଭିନ୍ନ ବିଭାଗୀୟ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ସଂଗଠନ ସଚେତନତା ସୃଷ୍ଟି କରିବା ଜରୁରୀ ହୋଇପଡ଼ିଛି।



## ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସ୍ୱତନ୍ତ୍ର ବୈଠକ



**ପାରଳାଖେମୁଣ୍ଡି,୨୩।୬ (ସମିସ):** ପାରଳାଖେମୁଣ୍ଡି ସ୍ଥିତ ଉତ୍କଳ ହିତୈଷିଣୀ ସମାଜ ସଭାଗୃହରେ ଅନୁଷ୍ଠାନର ଉପଦେଷ୍ଟା ଉପାନ୍ତପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ଅଶ୍ୱିନୀ କୁମାର ପାଢ଼ୀ ଆଲୋଚନାର ପ୍ରାକ୍ ସୂଚନା ଦେବାପରେ ଉପସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉର୍ମିଳା ବିନ୍ଧାଣୀ ରତ୍ନ ସଭା ଆରମ୍ଭରେ ବିଷ୍ଣୁ ବନ୍ଦନା ଗାନ କରିଥିଲେ । ସମ୍ପାଦକ ସୁରେଶ ବେହେରା ଗତ ବୈଠକର କାର୍ଯ୍ୟକାରିତା ସୂଚନା ଦେବା ପରେ ଅନ୍ୟତମ ଉପସଭାପତି ଆଶା ପାଣଗ୍ରାହୀ ମଞ୍ଚାସୀନ ଥିଲେ । ଉପେନ୍ଦ୍ର ବିଶ୍ୱାଳ, ଅଶୋକ ଦାଶ, ରାଜେନ୍ଦ୍ର ବେହେରା, କାଶୀନାଥ ପାତ୍ର ବକ୍ତବ୍ୟ ରଖିଥିଲେ। ନବ ନିର୍ବାଚିତ ମୁଖ୍ୟମନ୍ତ୍ରୀଙ୍କୁ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ରାଜ୍ୟ ଓ ଜିଲ୍ଲାସ୍ତରରେ ସମସ୍ୟା ନେଇ ଭୁବନେଶ୍ୱରରେ ସାକ୍ଷାତ କରି ସ୍ମାରକପତ୍ର ପ୍ରଦାନ କରାଯାଇଥିବା କୁହାଯାଇଥିଲା। ପାରଳଖେମୁଣ୍ଡି ସହରରେ ଟ୍ରାଫିକ ଅବ୍ୟବସ୍ଥା, ବୁଲା କୁକୁରର ପ୍ରାଦୁର୍ଭାବ, ଗୋରୁଗାଇଙ୍କ ପ୍ରତି ମାଲିକଙ୍କ ଅବହେଳା ଯୋଗୁ ସେମାନେ ରାସ୍ତାରେ ବିଚରଣ କରିବା ଯୋଗୁଁ ବରିଷ୍ଠ ନାଗରିକ ମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ସମ୍ପର୍କରେ ଆଲୋଚନା ହୋଇଥିଲା। ପୌର ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ସୁବାଷ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁଳିମାଡ଼ ଘଟଣାରେ ଜଣେ ଗିରଫ; ବନ୍ଧୁକ ଜବତ



**ଭଞ୍ଜନଗର, ୨୩।୬ (ସମିସ):** ଭଞ୍ଜନଗର ଥାନା ଅଧୀନ ଆଖୁପଦର ଗ୍ରାମ ନିକଟ ନୂଆପଲ୍ଲୀ ଗ୍ରାମରେ ଶୁକ୍ରବାର ଭୋର ସମୟରେ ଗୁଳିମାଡ଼ ଘଟଣାରେ କୁଶପଲ୍ଲୀ ଗ୍ରାମର ନିଲୁ ବିଶୋୟୀ(୨୫) ଗୁରୁତର ଆହତ ହୋଇଥିଲେ। ପୁଲିସ ତଦନ୍ତକରି ଏହି ଘଟଣା ଉପରୁ ଆଜି ପରଦା ହଟାଇଛି। ଗୁଳିମାଡ ଘଟଣାରେ ପୁଲିସ୍ କେସ୍ ନମ୍ବର ୫୮୦/୨୪ରେ ଏକ ମାମଲା ରୁଜୁ କରି ଗୁଳିମାଡ କରିଥିବା ଅଭିଯୋଗରେ ପୁଲିସ ନୂଆପଲ୍ଲୀ ଗ୍ରାମର ପିଣ୍ଟୁ ନାୟକକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ କୁମାର ମୁଦୁଲି ସୂଚନା ଦେଇଛନ୍ତି। ପିଣ୍ଟୁକୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ତା ନିକଟରୁ ଏକ ଦେଶୀ ବନ୍ଧୁକ ଜବତ କରିବା ସହ ଏହି ଘଟଣା ସଂପର୍କରେ ଅଧିକ ତଦନ୍ତ ଜାରି ରହିଥିବା ଶ୍ରୀ ମୁଦୁଲି ପ୍ରକାଶ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ,କୁଶପଲ୍ଲୀ ଗ୍ରାମର ନିଲୁ ତାର ମାମୁ ଘର ନୂଆଁପଲ୍ଲୀକୁ ଯାଇଥିବା ବେଳେ ଗତ ୨୦ ତାରିଖ ଦିନ ରାତିରେ ଅଭିଯୁକ୍ତ ପିଣ୍ଟୁ ଓ ନିଲୁ ମିଶି ଉଭୟେ ଗ୍ରାମ ନିକଟ ଜଙ୍ଗଲକୁ ଶିକାର କରିବା ଉଦ୍ଦେଶ୍ୟରେ ଯାଇଥିଲେ। ବିଳମ୍ବିତ ରାତି ୨ଟା ସମୟରେ ପିଣ୍ଟୁ ଧରିଥିବା ଦେଶୀ ବନ୍ଧୁକରୁ ହାଠାତ୍ ଗୁଳି ଫୁଟିଯାଇ ନିଲୁର ପେଟରେ ବାଜିଥିଲା। ଗୁରୁତର ଅବସ୍ଥାରେ ତାକୁ ପ୍ରଥମେ ଭଞ୍ଜନଗର ମେଡିକାଲ ଓ ସେଠାରୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ସମୟରେ ତାର ପେଟରୁ ଏକ ଛେରା ବାହାର କରାଯାଇଥିବା ବେଳେ ବର୍ତ୍ତମାନ ମଧ ତାର ଚିକିତ୍ସା ଜାରି ରହିଥିବା ଜଣାପଡିଛି। କିଭଳି ପରିସ୍ଥିତିରେ ଏହି ଗୁଳି ଫୁଟିଲା ଏବଂ କିଭଳି ନିଲୁ ଆହତ ହେଲା ସେଦିଗରେ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ଶ୍ରୀ ମୁଦୁଲି ପ୍ରକାଶ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଗୁଳି ବାଜିବା ସଂପର୍କରେ କେହି ସ୍ପଷ୍ଟ ଭାବେ କିଛି କହୁ ନଥିବା ବେଳେ ନିଲୁ ଶୌଚ ହେବାକୁ ଯାଇଥିବା ସମୟରେ ଗୁଳି ବାଜିଥିବା ପ୍ରକାଶ କରିଥିଲେ।

## ଅଟୋ ଧକ୍କାରେ ବାଇକ୍ ଚାଳକ ଗୁରୁତର



**ଫିରିଙ୍ଗିଆ,୨୩।୬(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତ ମଣିପଦର ଗାଁ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ବାଇକ ଓ ଅଟୋ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆହତ ବାଇକ ଚାଳକ ଫୁଲବାଣୀ ସଦର ଥାନା କେରେଡ଼ି ମଣ୍ଡପ ସାହିର ସର୍ବେଶ୍ୱରର ବେହେରା । ସେ ଏକ ବାଇକରେ ନିଜ ଗାଁ କେରେଡ଼ିରୁ ବନ୍ଧଗଡ଼ରେ ଚାଲିଥିବା ମା ବରାଳ ଦେବୀଙ୍କ ବାର୍ଷିକ ଯାତ୍ରା ଦେଖିବା ପାଇଁ ଆସି ସାରଙ୍ଗଗଡ଼ ପଟୁ ବନ୍ଧଗଡ଼କୁ ଫେରୁଥିବା ବେଳେ ମଣିପଦର ଗାଁ ନିକଟରେ ଫୁଲବାଣୀ ବାଲିଗୁଡା ରାସ୍ତାର ମଣିପଦର ଗାଁ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଘଟାଇ ଅଟୋ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ରବିବାର ସକାଳୁ ବାଇକର ମାଲିକ ମଧ ସ୍ଥାନୀୟ ପୁଲିସକୁ ନଜଣାଇ ମାଲ ବହି ବୋଲେରୋରେ ଉଠାଇ ନେଇଥିବା ଜଣାପଡିଛି । ଦୁର୍ଘଟଣା ଘଟାଇଥିବା ଅଟୋ କନ୍ଧମାଳ ଜିଲ୍ଲା ନୂଆଗାଁ ବ୍ଲକ ମଗଡିଙ୍ଗିଆ ଗାଁର ବୋଲି ଜଣାପଡିଛି। ବାଇକ ନୟାଗଡ଼ ଜିଲ୍ଲା ସାମପଡା କନିଗିରି ଗାଁର ବସନ୍ତ ରାଉତଙ୍କ ଏବଂ ସେ ଫୁଲବାଣୀରେ ରହି ରାଜମିସ୍ତ୍ରି ଭାବରେ କାମ କରୁଛନ୍ତି। ଗୁରୁତର ଆହତ ହୋଇଥିବା ବ୍ୟକ୍ତିଙ୍କୁ ସ୍ଥାନୀୟଲୋକେ ଉଦ୍ଧାର କରି ଆମ୍ବୁଲାନ୍ସରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

## କାର ଦୁର୍ଘଟଣାରେ ସାମ୍ବାଦିକ ଆହତ

**ଜି.ଉଦୟଗିରି/ରାଇକିଆ,୨୩।୬(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରିର ଜଣେ ଗଣମାଧ୍ୟମ ପ୍ରତିନିଧି ଶନିବାର ସକାଳେ କାର ଦୁର୍ଘଟଣାରେ ଆହତ ହୋଇଛନ୍ତି। ଦୁର୍ଘଟଣା ରାଇକିଆ ଥାନା ମଣ୍ଡାକିଆ ଛକ ନିକଟରେ ଘଟିଛି। ସୂଚନା ଅନୁସାରେ ସାମ୍ବାଦିକ ଆଶୁତୋଷ ସାହୁ ନିଜ କାରରେ ବନ୍ଧୁମାନଙ୍କ ସହ ଭୁବନେଶ୍ୱରରୁ ରାଇକିଆ ଫେରୁଥିବା ସମୟରେ ମଣ୍ଡାକିଆ ଛକ ନିକଟରେ ହଠାତ୍ ଏକ ଗାଇ ପଶି ଆସିବାରୁ ଚାଳକ ନିୟନ୍ତ୍ରଣ ହରାଇଥିଲେ ଏବଂ କାର ଏକ ଗଛରେ ପିଟି ହୋଇଯାଇଥିଲା। ଏଥିରେ କାରରେ ବସିଥିବା ସମସ୍ତେ ଆହତ ହୋଇଥିଲେ। ଆହତ ବନ୍ଧୁଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଆହତ ସାମ୍ବାଦିକ ଆଶୁତୋଷ ସାହୁ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଘଟଣା ସ୍ଥଳରେ ସ୍ଥାନୀୟ ପୁଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ କାରକୁ ଜବତ କରିବା ସହ ତନ୍ତଏ କରୁଛି। ଦୁର୍ଘଟଣାରେ ସାମ୍ବାଦିକ ଆହତ ହେବା ଖବର ପାଇ ରାଇକିଆ, ଘୁ. ଉଦୟଗିରି ତଥା ରାଜ୍ୟ ସଂଘର ସାମ୍ବାଦିକ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## କାଟିଙ୍ଗିଆ ଜଗନ୍ନାଥ ମନ୍ଦିରକୁ ଅବସରପ୍ରାପ୍ତ କାରଗିଲ ସୈନ୍ୟଙ୍କ ଦାନ



**ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ,୨୩।୬(ସମିସ):** ଅବସର ପ୍ରାପ୍ତ କାରଗିଲ ଯୋଦ୍ଧା ରାଜେଶ ପ୍ରଧାନ କାଟିଙ୍ଗିଆରେ ଜଗନ୍ନାଥ ମନ୍ଦିରକୁ ଦଶ ହଜାର ଏକଶହ ଏକ ଟଙ୍କା ଦାନ କରିଥିବା ମନ୍ଦିର କମିଟିର ସମ୍ପାଦକ ସନ୍ନ୍ୟାସୀ ପାଇକ ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ ଶ୍ରୀ ପ୍ରଧାନ, ଦାରିଙ୍ଗବାଡିର ଦୁଇ ସାଙ୍ଗ ବିଷ୍ଣୁ ପତ୍ରା ଓ ସଞ୍ଜୟ ସାହୁଙ୍କୁ ସାଙ୍ଗରେ ନେଇ କାଟିଙ୍ଗିଆ ଜଗନ୍ନାଥ ମନ୍ଦିରରେ ପହଞ୍ଚି, ମନ୍ଦିର ପରିଚାଳନା କମିଟିର ସଦସ୍ୟଙ୍କ ଉପସ୍ଥିତିରେ ଏହି ଅର୍ଥ ଦାନ କରିଥିଲେ। ରାଜେଶଙ୍କ ନିଜ ଗ୍ରାମ ଘୁ.ଉଦୟଗିରିର ବ୍ଲକର ରୁଦାଙ୍ଗିଆ। ହେଲେ ୧୯୯୫ ମସିହାରୁ ସେ ଦାରିଙ୍ଗବାଡିରେ ରହି ଆସୁଛନ୍ତି।୨୦୦୧ ମସିହାରେ ଭାରତୀୟ ସେନାବାହନୀରୁ ଅବସର ନେବା ପରଠାରୁ ସମାଜସେବା କାମରେ ନିୟୋଜିତ ରହିଛନ୍ତି। ସେ ପାଠ ପଢୁଥିବା ଭିନ୍ନକ୍ଷମ ପିଲାଙ୍କୁ ଆର୍ଥିକ ସହାୟତା ମଧ କରୁଛନ୍ତି।

## ମନ୍ତ୍ରୀ ଗୋକୁଳାନନ୍ଦଙ୍କୁ ସମ୍ବର୍ଦ୍ଧନା



**ବୁଗୁଡ଼ା,୨୩।୬(ସମିସ):** ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣୀମଣ୍ଡପ ପରିସରରେ ବୁଗୁଡ଼ା ବ୍ଲକ ଅଙ୍ଗନବାଡ଼ି କର୍ମୀ ସଂଘ ପକ୍ଷରୁ ନବନିର୍ବାଚିତ ପୋଲସରା ବିଧାୟକ ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ ଉପଲକ୍ଷେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବାସନ୍ତୀ କୁମାରୀ ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ଅବସରରେ ମନ୍ତ୍ରୀ ଗୋକୁଳାନନ୍ଦଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ସିଡିପିଓ ବବିତା କୁମାରୀ ପଣ୍ଡା, ଜିଲ୍ଲା ସଂଘ ସଭାପତି ରଞ୍ଜିତା କୁମାରୀ ରଥ ଓ ସମ୍ପାଦିକା ମଞ୍ଜୁବାଳା ପାଣିଗ୍ରାହୀ, ବ୍ଲକ ସମ୍ପାଦିକା ଅନୀତା ମିଶ୍ର ଓ ଉପସଭାପତି ପ୍ରମୋଦିନୀ ସ୍ୱାଇଁଙ୍କ ସମେତ ବ୍ଲକର ଅଙ୍ଗନବାଡ଼ି ଓ ସହାୟିକାମାନେ ଉପସ୍ଥିତ ଥିଲେ।

## 'ଗୃହରକ୍ଷୀ ଗାଡ଼ି ଚାଳକଙ୍କୁ ଟଙ୍କା ମାଗିବା ଭିଡିଓ ମିଥ୍ୟା'

**କାଲିମେଳା, ୨୩।୬(ସମିସ):** ମାଲକାନଗିରି ଜିଲ୍ଲା କାଲିମେଳା ଅଞ୍ଚଳରେ ଜଣେ ଗୃହରକ୍ଷୀ ଜଣେ ଡ୍ରାଇଭରଙ୍କୁ ଧମକ ଦେବା ସହ ଜୋରଜବରଦସ୍ତ ଟଙ୍କା ମାଗୁଥିବା ନେଇ ଏକ ଭିଡିଓକୁ ମିଥ୍ୟା ବୋଲି ପୁଲିସ କହିଛି। କାର୍ଯ୍ୟରତ ଗୃହରକ୍ଷୀ କ୍ଷୀରୋଦ ମିସ୍ତ୍ରୀ ଜଣେ ଗାଡ଼ି ଚାଳକଙ୍କୁ ଅଟକାଇ ଜୋରଜବରଦସ୍ତ ଟଙ୍କା ମାଗୁଥିବାର ଏକ ଭିଡିଓ ଭାଇରାଲ ହୋଇଥିଲା। ଏହି ଘଟଣାରେ ଗୃହରକ୍ଷୀ ଜଣଙ୍କ ଟଙ୍କା ମାଗୁଥିବାର କୌଣସି ପ୍ରମାଣ ନଥିବା ସହ ସେ ଟଙ୍କା ମାଗୁ ନଥିବା ଏବଂ ଗାଡ଼ିଟି ଯାଞ୍ଚ ପୋଷ୍ଟରେ ନରହି ଦ୍ରୁତ ଗତିରେ ଚାଲି ଆସୁଥିବାରୁ ସନ୍ଦେହ କରି ଅଟକାଇଥିବା ନେଇ ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ଅବିଭକ୍ତ କୋରାପୁଟ ବୈଦିକ ବ୍ରାହ୍ମଣ ସମାଜର ସମନ୍ୱୟ ସମିତି ବୈଠକ

**ମାଲକାନଗିରି, ୨୩।୬(ସମିସ):** ଅବିଭକ୍ତ କୋରାପୁଟ ବୈଦିକ ବ୍ରାହ୍ମଣ ସମାଜର ସମନ୍ୱୟ ସମିତି ବୈଠକ ମାଲକାନଗିରି ଜିଲ୍ଲାରେ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲା ସହ କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ବିଭିନ୍ନ ବ୍ଲକର ଥିବା ଅନେକ ବ୍ରାହ୍ମଣ ଉପସ୍ଥିତ ଥିଲେ। ପ୍ରଥମେ ମାଲକାନଗିରି ଜିଲ୍ଲା ବ୍ରାହ୍ମଣ ସମାଜର ସଭାପତି ପ୍ରଫୁଲ୍ଲ ପଣ୍ଡା ସମସ୍ତ ଅତିଥିଙ୍କୁ ସ୍ୱାଗତ କରିବା ପରେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ପରେ ମାଲକାନଗିରି ଜିଲ୍ଲା ବ୍ରାହ୍ମଣ ସମାଜର ସାଧାରଣ ସମ୍ପାଦକ ସୀମାଞ୍ଚଳ ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମାଲକାନଗିରି ଜିଲ୍ଲାର ଶତାଧିକ ବ୍ରାହ୍ମଣ ପରିବାର ଏକତ୍ରିତ ହୋଇଥିଲେ। ଏହି ଅବସରରେ ମାଲକାନଗିରି ଅତିରିକ୍ତ ଏସପି ତପନ ନାରାୟଣ ରଥ, କୋରପୁଟ ବ୍ରାହ୍ମଣ ସମାଜର କିଶୋରଚନ୍ଦ୍ର ପଣ୍ଡା, ଜୟପୁର ଅଞ୍ଚଳର ଜଗନ୍ନାଥ ମିଶ୍ର, କୁନ୍ଦରା ଅଞ୍ଚଳର ବିଜୟ ଭଟ୍ଟ, ନବରଙ୍ଗପୁରର ସୁରେଶଚନ୍ଦ୍ର ତ୍ରିପାଠୀ ପ୍ରମୁଖଙ୍କ ସହ ବିଭିନ୍ନ ଜିଲ୍ଲା ବ୍ରାହ୍ମଣ ସମାଜର କର୍ମକର୍ତ୍ତା ଉପସ୍ଥିତ ଥିଲେ।



### ଟିକିରି ଥାନା ପୁଲିସକୁ ବଡ଼ ସଫଳତା

## ୪ ଜଣିଆ ଡକାୟତ ଗ୍ୟାଙ୍ଗ୍ ଗିରଫ; ୨ ବାଇକ୍ ଓ ସୁନାଗହଣା ଉଦ୍ଧାର



**ଟିକିରି,୨୩।୬(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଟିକିରି ଥାନା ପୁଲିସକୁ ମିଳିଛି ଏକ ବଡ଼ ଧରଣର ସଫଳତା। ବିଗତ କିଛି ଦିନ ହେବ ଟିକିରି ଅଞ୍ଚଳରେ ଚୋରିକରି ପୁଲିସର ନିଦ ହଜାଇ ଦେଇଥିବା ଏକ ଚୋରଗ୍ୟାଙ୍ଗକୁ ଧରିବାରେ ସଫଳ ହେଇଛି ଟିକିରି ପୁଲିସ। ସେମାନଙ୍କଠାରୁ ନଗଦ ୨୨ ହଜାର ଟଙ୍କା ସହ ଚୋରି କରିଥିବା ୨ଟି ବାଇକ୍, ସୁନାହାର, ଜାମିଲି, ନାକଦଣ୍ଡି, ୮ଟି ମୋବାଇଲ, ନକଲି ପିସ୍ତଲ, ୨ଟି ଛୁରି, ଚୋରିରେ ବ୍ୟବହୃତ ଏକ କାରକୁ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରି କର୍ଟ ଚାଲାଣ କରାଯାଇଥିବା ଟିକିରି ଥାନା ପରିସରରେ ରାୟଗଡ଼ା ଏସଡିପିଓ ରଶ୍ମିରଞ୍ଜନ ସେନାପତି ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି। ଗତ ୧୬ ତାରିଖରେ କେସ୍ ନଂ ୧୨୫/୨୪ ଟିକିରି ଥାନାରେ ୟୁ/ଏସ୍ ୩୯୨/୩୪ ଆଇପିସି ଧାରା ୬୬ସି ୨୫/୨୭ ରୁଜୁ ହୋଇଥିଲା। ଅଭିଯୋଗକାରୀ ନୟାଗଡ଼ ଜିଲା ସିନ୍ଦୁରିଆ ଗ୍ରାମର ଆଜିର ଅହମ୍ମଦ ନୀଳଗିରି କାଠ ଲୋଡ୍ କରିବା ପାଇଁ ୧୫ ତାରିଖରେ ଟିକିରି ଥାନା ଅନ୍ତର୍ଗତ ପହଣ୍ଡି ଛକ ନିକଟରେ ଗାଡ଼ି ରଖି ଶୋଇଥିଲେ। ରାତି ପ୍ରାୟ ୧୨ଟା ସମୟରେ ୪ଜଣ ବ୍ୟକ୍ତି ଆସି ପିସ୍ତଲ ଓ ଛୁରି ଦେଖାଇ ତାଙ୍କଠାରୁ ୬ ହଜାର ଟଙ୍କା, ମୋବାଇଲ ଏବଂ ଫୋନ୍ ପେ' ମାଧ୍ୟମରେ ୨୨ ହଜାର ଟଙ୍କା ନେଇଯାଇଥିଲେ। ଏ ନେଇ ୧୬ ତାରିଖରେ ଟିକିରି ଥାନାରେ ଏତଲା ଦେଇଥିଲେ। ଏତଲା ପାଇବା ପରେ ରାୟଗଡ଼ା ଏସପି ହରିଶ ବିସିଙ୍କ ନିର୍ଦ୍ଦେଶ କ୍ରମେ ଟିକିରି ଥାନା ଆଇଆଇସି ବିଶ୍ୱବନ୍ଦିନୀ ବାଗ ଏକ ଟିମ୍ ଗଠନ କରି ବିଭିନ୍ନ ଦିଗକୁ ଗୁରୁତ୍ୱ ଦେଇ ତଦନ୍ତ ଆରମ୍ଭ କରିଥିଲେ। ମୋବାଇଲ ଟ୍ରାକିଂ ଓ ଟେକ୍ନିକାଲ୍






ବ୍ୟବହାର କରି ନବରଙ୍ଗପୁର ଜିଲ୍ଲାର ଖାତିଗୁଡ଼ା ଥାନା ଅନ୍ତର୍ଗତ କେନ୍ଦୁଗୁଡ଼ା ଗ୍ରାମର ଦୈତାରୀ ଚଲାଣ (୩୮), ଧନପତି ହରିଜନ(୨୪), କଳାହାଣ୍ଡି ଜିଲ୍ଲା ଆମପାଣି ଥାନା ଲାଇମ ଗ୍ରାମର ପାଲା ସାନ୍ତା ଓ ଉକ୍ତ ଥାନା ଅନ୍ତର୍ଗତ ବ୍ରାହ୍ମଣ ଛକ ପଡ଼ାର ଦାସ ସାନ୍ତାଙ୍କୁ ଗିରଫ କରି ଟିକିରି ଥାନାକୁ ଆଣି ତଦନ୍ତ କରିଥିଲେ। ତଦନ୍ତ ସମୟରେ ଟିକିରି ଥାନାରେ ପୂର୍ବରୁ ରୁଜୁ ହୋଇଥିବା ଆହୁରି ୩ଟି ମାମଲାରେ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲେ। ଟିକିରି ଥାନାରେ କେସ୍ ନଂ ୧୨୭/ୟୁଏସ୍ ୩୯୪/୩୪ ଫୁଲଜବା ଗ୍ରାମର ପାଲଙ୍ଗଙ୍କଠାରୁ ସୁନା ଛଡ଼ାଇ ନେବା, କେସ୍ ନଂ୩୮/ୟୁଏସ୩୭୯ ଆଇପିସି ରାମୁଗୁଡ଼ା ଗ୍ରାମର ଆର୍ ଉଆନ ୫ ବାଇକ ଚୋରି ଏବଂ କେସ୍ ନଂ ୯୦/ୟୁସ ୩୭୯ ଆଇପିସିର ଅନ୍ୟ ଏକ ବାଇକ୍ ଚୋରି ମାମଲାର ସମସ୍ତ ଚୋରି ଜିନିଷ ଉଦ୍ଧାର କରି ଟିକିରି ଥାନାକୁ ଆଣିଥିଲେ। ଏହି ମାମଲାରେ ଟିକିରି ଥାନାର ଏସ୍ଆଇ ମହେଶ୍ୱର ପାଇକ, ଏସ୍ଆଇ ମନୋଜ ଜେନା, ଏସ୍ଆଇ ମହେନ୍ଦ୍ର ହାଁସଦା, ଏସ୍ଆଇ ତ୍ରିନାଥ ତତପାଡ଼ିଆ, ଏଏସ୍ଆଇ ନରେଶ ରାଉଳ ଏବଂ ଅନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ। ଟିକିରି ଥାନା ଆଇଆଇସି ବିଶ୍ୱବନ୍ଦିନୀ ବାଗ ଏବଂ ଟିମ୍ ଦିନରାତି ଏକ କରି ଏତେବଡ଼ ସଫଳତା ପାଇଥିବାରୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି।

## ସାପ କାମୁଡ଼ାରେ ଶିଶୁ ମୃତ

**ବିଷମ କଟକ,୨୩।୬(ସମିସ):** ଘରେ ଶୋଇଥିବା ଅବସ୍ଥାରେ ବିଷାକ୍ତ ସାପ କାମୁଡ଼ାରେ ଏକ ୪ବର୍ଷର ଶିଶୁର ମୃତ୍ୟୁ ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା ବିଷମ କଟକ ଥାନା ଅନ୍ତର୍ଗତ ଗଣ୍ଡିଖାଲ ଗ୍ରାମରେ। ମୃତ ଶିଶୁ ଜଣକ ହେଲା ଗଣ୍ଡିଖାଲ ଗ୍ରାମର ରବି ସାରକାଙ୍କ ପୁଅ ବିବେକ ସାରକା।



ସୂଚନା ଅନୁସାରେ, ଶନିବାର ରାତିରେ ବିବେକ ନିଜ ଘରେ ଶୋଇଥିଲା। ମଧ୍ୟ ରାତ୍ରିରେ ତା' ହାତକୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ସାପ କାମୁଡ଼ିବାର କିଛି ଘଣ୍ଟା ପରେ ବିବେକକୁ ଯନ୍ତ୍ରଣା ହେବାରୁ ସେ ପରିବାର ଲୋକଙ୍କୁ ଜଣେଇଥିଲା। ଏହା ଶୁଣି ପରିବାର ଲୋକେ ଉଠି ବିବେକ ନିକଟରେ ପହଞ୍ଚି ଦେଖି ଜାଣିବାକୁ ପାଇଥିଲେ ଯେ ତାକୁ କୌଣସି ବିଷାକ୍ତ ସାପ କାମୁଡ଼ିଛି। ଏହା ଜାଣିବା ପରେ ତୁରନ୍ତ ପରିବାର ଲୋକେ ବିବେକକୁ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବିବେକକୁ ସାପ କାମୁଡ଼ିଥିବା ଜାଣିବା ପରେ ସେହି ସାପକୁ ମଧ ଘର ଭିତରେ ଖୋଜାଖୋଜି କରିଥିଲେ ପରିବାରଲୋକେ। ସାପକୁ ପାଇବା ପରେ ତାକୁ ମାରି ବିବେକ ସହ ସେହି ସାପକୁ ଆଣି ମେଡିକାଲର ଡାକ୍ତରଙ୍କୁ ମଧ ଦେଖାଇଥିଲେ। କିଛି ସମୟ ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଷମ କଟକ ପୁଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠେଇଥିଲେ। ଶବ ବ୍ୟବଚ୍ଛେଦ ପରେ ପୁଲିସ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବ ପରେ ରାଜସ୍ୱ ବିଭାଗ ପକ୍ଷରୁ ବେବେକର ପରିବାର ଲୋକଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି। ବେବେକର ମୃତ୍ୟୁ ଖବର ଗଣ୍ଡିଖାଲ ଗ୍ରାମରେ ପହଞ୍ଚିବା ପରେ ସେଠାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

# ମୌଳିକ ସମସ୍ୟାରେ ଶଢୁଛନ୍ତି ରାୟଗଡ଼ ବ୍ଲକ୍‌ର ୩ ଗ୍ରାମବାସୀ






**ପାରଳାଖେମୁଣ୍ଡି, ୨୩।୬(ସମିସ)**

ଖରାହେଉ କି ବର୍ଷା, କି ଶୀତ ବର୍ଷ ତମାମ ପାଣି ପାଇଁ ହାହାକାର। ପଥର ଝର କିମ୍ବା ନାଳ ହିଁ ଭରସା ପାଲଟୁଛି। ଖରା ଦିନରେ ସେହି ଜଳଉତ୍ସ ଶୁଖି ଯାଉଥିବା ବେଳେ ବର୍ଷା ଦିନେ ସ୍ରୋତ ପ୍ରଖର ରହୁଥିବା ଯୋଗୁଁ ଦୁର୍ଗମାଞ୍ଚବାସୀଙ୍କୁ ପାଣି ଆଣିବା ମୁସ୍କିଲ ହୋଇପଡୁଛି। ଗୋଟିଏ ଗରା ପାଣି ଆଣିବାକୁ ହେଲେ ଅତି କମ୍‌ରେ ଜଣକୁ ୪ ରୁ ୫ ଘଣ୍ଟା ସମୟ ଅତିବାହିତ କରିବାକୁ ପଡୁଛି। କେଉଁଠି ନା କେଉଁଠି ପ୍ରଶାସନିକ ଦୁର୍ବଳତା ରହିଥିବାରୁ ବିଶେଷକରି ଦୁର୍ଗମାଞ୍ଚଳରେ ପାଣି ପାଇଁ ତ୍ରାହି ତ୍ରାହି କରୁଛନ୍ତି ଲୋକେ। 'ସବୁ ଘରେ ନଳ, ସବୁଘରେ ଜଳ' ସ୍ଲୋଗାନ, ସ୍ଲୋଗାନରେ ରହିଯାଇଛି। ଲୋକେ କେଉଁ କାଳରୁ ଗ୍ରୀଷ୍ମ ଦିନ ହେଉକି ବର୍ଷା ଦିନ ପାଣି ସମସ୍ୟାରେ ଜର୍ଜରିତ ହେଉଛନ୍ତି। ବିକାଶ ତା ବାଟରେ ହେଉଛି କିନ୍ତୁ ପ୍ରକୃତପକ୍ଷେ ଦେଖିଲେ ସେମାନଙ୍କ ପାଇଁ ପାଣି ହେଉ କି ରାସ୍ତାଘାଟ ଆଜି ବି ସାତସପନ ହୋଇରହିଛି।

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ଶତକଡା ୮୦ ଭାଗ ଗ୍ରାମାଞ୍ଚଳରେ ଏପରି ଅବସ୍ଥା। ଆଉ ଦୁର୍ଗମାଞ୍ଚଳର କଥା ପୁରା ଅଲଗା। ପାଣି ହିଁ ଲୋକଙ୍କ ସମସ୍ୟା ହୋଇରହିଛି। ତେବେ ଏପରି କିଛି ଗ୍ରାମାଞ୍ଚଳର ପାଣି ପାଇଁ ଦୃଶ୍ୟକୁ ଦେଖିଲେ ହର୍ ଘର୍ ନଲ୍, ହର୍ ଘର୍ ଜଲ୍ ଯୋଜନା କେତେ ଦୂର କାମ କରିଛି ତାହା ସହଜରେ ଅନୁମେୟ। ରାୟଗଡ଼ ବ୍ଲକର ଏସ୍. କରଡାସିଂ ଏବଂ ଲାଇଲାଇ ପଞ୍ଚାୟତର ତିନି ଅବାପୁର, କରଣସାହି ଓ ବିସମପାଡି ଗ୍ରାମରେ ପାଣି ଓ ରାସ୍ତାଘାଟକୁ ଦେଖିଲେ ପ୍ରକୃତିର ଭରସାରେ ହିଁ ଆଜି ପର୍ଯ୍ୟନ୍ତ କାଳାତିପାତ କରୁଥିବାର ଅନୁଭବ ହେଉଛି। ଏସ୍.କରଡାସିଂ ପଞ୍ଚାୟତର ଅବାପୁର ଗ୍ରାମରେ ୨ଶହରୁ ଉର୍ଦ୍ଧ୍ୱ ଲୋକେ ବସବାସ କରୁଛନ୍ତି। ଚାଷ, ପଶୁପାଳନ କରି ନିଜର ଜୀବିକା ମେଣ୍ଟାଉଥିବା ଏହି ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ସମସ୍ୟା ମୁଣ୍ଡବ୍ୟଥାର କାରଣ ସାଜିଛି। ଗ୍ରାମରେ ନଳକୂପ ରହିଛି। ସେଥିରେ ଗ୍ରୀଷ୍ମ ଋତୁରେ ପାଣି ବାହାରୁ ନ ଥିବା ବେଳେ ବର୍ଷା ଋତୁରେ ଗୋଳିଆ ପାଣି ବାହାରୁଛି। ସୋଲାର ସହ ପାଣି ଟାଙ୍କି ପ୍ରଶାସନ ବ୍ୟବସ୍ଥା କରିଛି, କିନ୍ତୁ ପାଣି ଟାଙ୍କିରେ ହୋଇଥିବା ଛିଦ୍ର ରହିଥିବା ଯୋଗୁଁ ତିନିଦିନ ଧରି ଅହରହ ପାଣିଟାଙ୍କିରେ ପାଣି ନ ଭରିଲେ ଲୋକଙ୍କୁ ଗରାଟିଏ ପାଣି ମିଳିବା ସମ୍ଭବ ହୋଇପାରୁ ନାହିଁ। ତେଣୁ ଗ୍ରାମ ଠାରୁ ଏକ କିଲୋମିଟର ଦୂରରେ ଥିବା ଏକ ନାଳରୁ ଲୋକେ ଗ୍ରୀଷ୍ମଋତୁରେ ବିଳମ୍ବିତ ରାତ୍ରରୁ ଅପେକ୍ଷା କରି ଆଣୁଛନ୍ତି।



● ଅବାପୁର ଗ୍ରାମରେ ସୋଲାର ପାଣି ଟାଙ୍କିରେ ଛିଦ୍ର ଯୋଗୁଁ କାମରେ ଆସୁନି
● ବିସମପାଡି ଗ୍ରାମରେ ନଳକୂପ ଅଛି, କିନ୍ତୁ ପାଣି ବାହାରୁନି
● କରଣସାହି ଗ୍ରାମରେ କାମରେ ଆସୁନି ବସୁଧା ଯୋଜନା

ସେଥିରେ ପୁଣି କଥା କଟାକଟି, ଗଣ୍ଡଗୋଳ ଓ ମନମାଳିନ୍ୟ ସୃଷ୍ଟି ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆତ୍ମୀୟତା ନଷ୍ଟ କରିଛି। ତେବେ ଏହି ନାଳରେ ଦୁଇଟି ଛୋଟ କୁଣ୍ଡ ରହିଛି। ସେଥିରେ ସ୍ନାନଶୌଚ ଓ ପାନୀୟ ଜଳ ସଂଗ୍ରହ ପାଇଁ ଗ୍ରାମବାସୀ ନିଜେ ବ୍ୟବସ୍ଥା କରିଛନ୍ତି। ଯେଉଁ ଜଳକୁ ବନ୍ୟଜନ୍ତୁ ପିଅନ୍ତି ସେହି ଜଳକୁ ଗ୍ରାମବାସୀ ବ୍ୟବହାର କରୁଛନ୍ତି। ପୁରୁଷ ଲୋକ ନ ଥିଲେ ପାନୀୟ ଜଳ ଘରକୁ ନେବା ଗ୍ରାମ ମହିଳାଙ୍କ ପାଇଁ ଅସମ୍ଭବ ହୋଇପଡୁଛି। ଗ୍ରୀଷ୍ମଋତୁରେ ଯେଣତେଣ ପାନୀୟ ଜଳ ନାଳରୁ ସଂଗ୍ରହ କରିପାରୁଥିବା ଏହି ଗ୍ରାମବାସୀଙ୍କ ପାଇଁ ବର୍ଷା ଋତୁରେ ପାନୀୟ ଜଳ ସମସ୍ୟା ଆହୁରି ଉତ୍କଟ ରୂପ ହେଉଛି। ଗ୍ରାମବାସୀଙ୍କ ପାଇଁ ବର୍ଷା ଋତୁରେ ବିଲମାଳ ଦେଇ ଯିବା ସମ୍ଭବ ହୋଇପାରେ ନାହିଁ ବୋଲି ସୁକାନ୍ତି ସବର, କୁନି ସବର, ସୁଗୁଟି ସବର ଓ ଶ୍ରୀନୁ ସବର ଗ୍ରାମବାସୀ ଜଣାଇଛନ୍ତି।

ସେହିପରି ନାଳ ପାଣି ସହା ଭରସାରେ ରହିଛନ୍ତି ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ଲାଇଲାଇ ପଞ୍ଚାୟତର ବିସମପାଡି ଗ୍ରାମ। ୩୫ ପରିବାର ରହୁଥିବା ଏହି ଗ୍ରାମରେ ଜନସଂଖ୍ୟା ପାଖାପାଖି ଦୁଇ ଶହ। ଏହି ଗ୍ରାମର ସବୁଠାରୁ ବଡ ସମସ୍ୟା ପାଣି। ଶୌଚ, ସ୍ନାନ ପାଇଁ ଯେଉଁ ଜଳ ବ୍ୟବହାର କରାଯାଏ ସେହି ଜଳ ହିଁ ପିଇବା ପାଇଁ ବ୍ୟବହାର କରାଯାଏ। ଏହି ଜଳ ପାଇଁ ଗ୍ରାମବାସୀଙ୍କୁ ଗ୍ରାମରୁ ଖଣ୍ଡେ ଦୂରରେ ଥିବା ଏକ ନାଳ ନିକଟକୁ ଯିବାକୁ ପଡ଼ିଥାଏ। ଏହି ନାଳ ମଧ୍ୟ ଗ୍ରୀଷ୍ମ ଋତୁରେ ଶୁଖିଯାଏ ଓ ବର୍ଷା ଋତୁରେ ଖରସ୍ରୋତା ହୋଇଥାଏ। ତେବେ ଗ୍ରୀଷ୍ମ ଋତୁରେ ଗ୍ରାମବାସୀ ନାଳରୁ ପାଣି ସନ୍ଧାନ ପାଇଁ ୭ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରନ୍ତି। ଆଉ ବର୍ଷା ଋତୁରେ ନିଜ ଜୀବନକୁ ବାଜି ଲଗାଇ ଏହି ଖରସ୍ରୋତ ନାଳରୁ ପାନୀୟ ଜଳ ସଂଗ୍ରହ କରନ୍ତି। ରାସ୍ତାକଡ଼ରେ ଥିବା ଏହି ଗ୍ରାମରେ ପାନୀୟ ଜଳପାଇଁ ନଳକୂପ ରହିଛି କିନ୍ତୁ ପାଣି ଆସୁନାହିଁ। ଏପରିକି ଏହି ନାଳ ପାଣିକୁ ଗ୍ରାମବାସୀ ଓ ଅଙ୍ଗବାଡିର କୁନି କୁନି ପିଲାମାନେ ମଧ୍ୟ ପାନୀୟ ଜଳ ଭାବେ ବ୍ୟବହାର କରିଥାଆନ୍ତି। ସମସ୍ୟା ବିଷୟରେ ନିର୍ବାଚିତ ପ୍ରତିନିଧି ଓ ସରକାରୀ ଅଧିକାରୀ ଜାଣିଥିଲେ ମଧ୍ୟ ସମସ୍ୟାକୁ ନାଲି ଫିତା ତଳେ ଚାପି ରଖିବା ଛଡା ସମସ୍ୟା ସମାଧାନ ଦିଗରେ ଚେଷ୍ଟା କରିନାହାନ୍ତି ବୋଲି ଗ୍ରାମବାସୀ ଯଶୋଦା ଶବର, ପୁଷ୍ପାଞ୍ଜଳୀ ଭୂୟାଁଙ୍କ ସହ ଅଙ୍ଗନବାଡି କର୍ମୀ ମନ୍ଦିକିନୀ କହିଛନ୍ତି।

ସେହିପରି ସମସ୍ୟାରେ ରହିଛି ରାୟଗଡ଼ ବ୍ଲକ ଏସ୍.କରଡାସିଂ ପଞ୍ଚାୟତର କରଣସାହି ଗ୍ରାମ। ଗ୍ରାମରେ ତିନି ଶହରୁ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଥିବା ବେଳେ ଗ୍ରାମକୁ ଯିବାକୁ ପକ୍କା ରାସ୍ତା ନାହିଁ। ସରକାର ବଦଳୁଛି। ବର୍ଷକୁ ବର୍ଷ ପ୍ରଶାସନିକ ଅଧିକାରୀ ବଦଳୁଛନ୍ତି। ହେଲେ ଗ୍ରାମବାସୀଙ୍କ ଭାଗ୍ୟ ବଦଳୁନାହିଁ। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ନା ସମସ୍ୟା ଦୂର ହୋଇଛି, ନା କେହି ଶୁଣୁଛନ୍ତି। ଅବାପୁରରୁ ୩ କିଲୋମିଟର ପାହାଡିଆ ପଥୁରିଆ ମାଟି ରାସ୍ତାରେ କରଣସାହିକୁ ପହଞ୍ଚିବାକୁ ପଡେ। ନାମକୁ ମାତ୍ର ଏହି ତିନି କିଲୋମିଟର ରାସ୍ତା ମଧ୍ୟରେ ଅଳ୍ପ ଅଳ୍ପ ସିମେଣ୍ଟ ରାସ୍ତା ରହିଛି। ହେଲେ ଆଜିପର୍ଯ୍ୟନ୍ତ ଆମ୍ବୁଲାନ୍ସ ପହଞ୍ଚିପାରୁଛି ନା ପ୍ରଶାସନିକ ଅଧିକାରୀ ପହଞ୍ଚୁଛନ୍ତି। ଅଦିନିଆ ବୃଷ୍ଟିପାତ, ଲଘୁଚାପ ଜନିତ ବର୍ଷା ଓ ବର୍ଷା ଋତୁରେ ଗ୍ରାମବାସୀ ଏକ ପ୍ରକାରର ବନ୍ଦୀ ଜୀବନ ବିତାଉଛନ୍ତି। କେବଳ ସଡକ ନୁହେଁ ଏହି ଗ୍ରାମରେ ପାନୀୟ ଜଳର ଉତ୍କଟ ସମସ୍ୟା ରହିଛି। ବର୍ଷ ତମାମ ଋତୁ ବଦଳିଲା ଭଳି ମାର୍ଚ୍ଚ ମାସରେ ଏକ କିଲୋମିଟର, ମେ ମାସରେ ୩ କିଲୋମିଟର, ଜୁନ୍ ମାସ ଆସିଲେ ୫ କିଲୋମିଟର ପାହାଡିଆ ଝର ଖୋଜି ଲୋକଙ୍କୁ ପାନୀୟ ଜଳ ସଂଗ୍ରହ କରିବାକୁ ପଡେ ବୋଲି ଶାନ୍ତିଲତା ଶବର, ଲକ୍ଷ୍ମୀନାରାୟଣ ଶବର, ଝାନ୍ସୀ ଶବର, ରମେଶ ଦଣ୍ଡଭୂୟାଁ ଓ ମନୋରମା ଶବର କହିଛନ୍ତି। ସେହିପରି ସ୍ନାନ, ଶୌଚ ପାଇଁ ଜଳ ଯେଣତେଣ ମିଳିଯାଏ। ଏମିତି ନାହିଁ କି ଏଠାକୁ ପାନୀୟ ଜଳ ପ୍ରକଳ୍ପ ପହଞ୍ଚି ନାହିଁ। ଏକାଧିକ ଜଳ ଯୋଗାଣ ପ୍ରକଳ୍ପ ରହିଥିଲେ ମଧ୍ୟ ସବୁ ଅଚଳ। ନଳକୂପ ରହିଛି। କିନ୍ତୁ ଗରାଟିଏ ପାଣିରୁ ଅଧିକ ବାହାରୁନି। ସେହିପରି ଡିଆରଡିଏ ପକ୍ଷରୁ ଦୁଇଟି ମୋଟର ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା ହୋଇଛି କିନ୍ତୁ ମୋଟର ଖରାପ ହୋଇ ବର୍ଷାଧିକ ସମୟ ବିତିଥିଲେ ମଧ୍ୟ ମରାମତି ହୋଇପାରୁ ନାହିଁ। ବସୁଧା ଯୋଜନାରେ ଲୋକଙ୍କୁ ପାନୀୟ ଜଳ ଯୋଗାଇପାରୁ ନାହିଁ। ସୋଲାର ଚାଳିତ ପାନୀୟ ଜଳ ପ୍ରକଳ୍ପ ରହିଛି, କିନ୍ତୁ ତାହା କେବଳ ଶୋଭାବର୍ଦ୍ଧନ କରୁଛି। ରାସ୍ତା ଓ ପାନୀୟ ଜଳର ଉତ୍କଟ ସମସ୍ୟା ରହିଥିବା ଏହି ଗ୍ରାମରେ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି।

ବାରମ୍ବାର ଗ୍ରାମବାସୀ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟରେ ଗୁହାରୀ କରି କରି ନୟାନ୍ତ ହେବା ପରେ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି।

## ସ୍ୱେଚ୍ଛାସେବୀ ସଂଗଠନ ସ୍ୱାତୀର ରୌପ୍ୟ ଜୟନ୍ତୀ




**ଜି.ଉଦୟଗିରି, ୨୩।୬(ସମିସ):** କନ୍ଧମାଳ ଜିଲ୍ଲାର ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱାତୀ ର ରୌପ୍ୟ ଜୟନ୍ତୀ ଉତ୍ସବ ସଭାପତି ପ୍ରଶାନ୍ତ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଜି .ଉଦୟଗିରି ଦୁଗୁଡ଼ିସ୍ଥିତ କାର୍ଯ୍ୟାଳୟରେ ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜି.ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଷମା ପ୍ରଧାନ, ଅବସର ପ୍ରାପ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଘବ ମଲ୍ଲିକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତୁଷାର କାନ୍ତ ସାମଲ, ସମାଜସେବୀ ଶୁଳପାଣୀ ଶତପଥୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଙ୍ଗଠନର ସମ୍ପାଦକ ଇ. ହରିଶଙ୍କର ରାଉତ ପରିଚାଳନା କରିଥିଲେ। ଉପସ୍ଥିତ ଅତିଥି କୃଷିର ବିକାଶ ସାଙ୍ଗକୁ ମାଣ୍ଡିଆ ଚାଷ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ଉଲ୍ଲେଖନୀୟ ଅବଦାନ ପାଇ ସମାଜସେବୀ ଗଦାଧର ନାୟକ ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ବଳରାମ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସମାଜସେବୀ ଓ ବୁଦ୍ଧିଜୀବି ଯୋଗ ଦେଇଥିଲେ। ପ୍ରଦୀପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନାରେ ଗିରିଶ ସାମଲ, ରମେଶ ବେହେରା ଓ ବିଶ୍ୱରଞ୍ଜନ କର ସହଯୋଗ କରିଥିଲେ।

## ଜି.ଉଦୟଗିରିରେ ଚାଲିଛି ରଥ ନିର୍ମାଣ



**ଜି.ଉଦୟଗିରି, ୨୩।୬(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରିର ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରସ୍ତୁତ ବୈଠକ ଶେଷ ହୋଇଥିବା ବେଳେ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି ବୋଲି କମିଟି ସଭାପତି ବିନୋଦ ବିହାରି ଦାଶ କହିଛନ୍ତି। ରଥଯାତ୍ରା ପାଖେଇ ଆସୁଥିବା ବେଳେ ତିନି ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରଥ ନିର୍ମାଣରେ ବିଶ୍ୱମ୍ବର ମହାରଣାଙ୍କ ତତ୍ତ୍ୱାବଧାନରେ ମହାରଣା ସେବକ ଲାଗିଥିବା ବେଳେ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ରଥଯାତ୍ରା ନୀତି ନିର୍ଘଣ୍ଟ ସହିତ କିଭଳି ରଥ ନିର୍ମାଣ, ସଫେଇ ବ୍ୟବସ୍ଥା, ଟାହିଆ ଯୋଗାଣ, ଛେରାପହଁରା, ପହଣ୍ଡି ବିଜେ, ରଥ ଟଣା, ସୁରକ୍ଷା ଆଦି ବିଭିନ୍ନ ରୀତିନୀତି ଉପରେ ଆଲୋଚନା ହେବା ସହିତ ଶୃଙ୍ଖଳିତ ଯାତ୍ରା ପାଇଁ ନୀତି ନିର୍ଦ୍ଧାରଣ କରାଯାଇଛି।

## ପାରଳା ବିଧାୟକଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା

**ପାରଳାଖେମୁଣ୍ଡି, ୨୩।୬ (ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ନିର୍ବାଚନରେ ବିଜୟ ଲାଭ କଲାପରେ ନବନିର୍ବାଚିତ ବିଧାୟକ ଇ. ପାଣିଗ୍ରାହୀ ଗୁମ୍ମା ବ୍ଲକର ପରିଡ଼ା, ଗାଇବା, ତରବା ପଞ୍ଚାୟତ ଅନ୍ତର୍ଗତ ପି.କଲୋନୀ ଆଦି ଗ୍ରାମାର ଲୋକେ ନିମନ୍ତ୍ରଣ କରିଥିଲେ। ଲୋକଙ୍କ ନିମନ୍ତ୍ରଣ ରକ୍ଷା କରି ଶ୍ରୀ ପାଣିଗ୍ରାହୀ ଏହି ସବୁ ଗ୍ରାମାକୁ ଯାଇଥିଲେ। ନବନିର୍ବାଚିତ ବିଧାୟକଙ୍କୁ ନିଜ ନିଜ ଗ୍ରାମରେ ଦେଖି ଖୁସି ପ୍ରକଟ କରି ଭବ୍ୟ ସ୍ୱାଗତ କରିବା ସହ ବିଜୟଲାଭର ଶୁଭେଚ୍ଛା ଜଣାଇ ପାଛୋଟି ନେଇଥିଲେ। ଏହି ଅବସରରେ ଲୋକେ ନିଜ ନିଜ ଅଞ୍ଚଳର ସମସ୍ୟା ଆଦି ସମ୍ପର୍କରେ ବିଧାୟକଙ୍କୁ ଜଣାଇଥିଲେ। ବିଧାୟକ ମଧ୍ୟ ଲୋକଙ୍କ ସମସ୍ୟାର ତ୍ୱରିତ ସମାଧାନ କରିବାରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।



## ମା'ନାରାୟଣୀ ଠାକୁରାଣୀଙ୍କ ଶୁଭଖୁଣ୍ଟି ପ୍ରତ୍ୟାଗମନ



**ଫୁଲବାଣୀ, ୨୩।୬(ସମିସ):** ଚଳିତ ବର୍ଷ ମା ନାରାୟଣୀ ଠାକୁରାଣୀଙ୍କ ୨୬ ତମ ଯାତ୍ରା ଉପଲକ୍ଷେ ଗତ ଏପ୍ରିଲ ମାସ ମେରୁ ସଂକ୍ରାନ୍ତି ଦିନ ରୀତିନୀତି ସହକାରେ ବାଜା ବାଜଣା ସହ ରାମ ମନ୍ଦିର ନିକଟସ୍ଥ ଥିବା ଯାତ୍ରା ପଡ଼ିଆ ଅସ୍ଥାୟୀ ମନ୍ଦିରରୁ ମାଙ୍କ ଆଜ୍ଞାମାଳ ଆଣି ଶୁଭଖୁଣ୍ଟି ସ୍ଥାପନ କରାଯାଇଥିଲା।

ମା ନାରାୟଣୀ ଗତ ମେ ମାସ ୧୦ ତାରିଖରେ ବିରାଟ ଶୋଭାଯାତ୍ରାରେ ମନ୍ଦିରରୁ ଆସି ଅସ୍ଥାୟୀ ମନ୍ଦିରରେ ରହି ଏକ ମାସ ପରେ ଗତ ୧୧ ତାରିଖରେ ସ୍ୱ ମନ୍ଦିରକୁ ପ୍ରତ୍ୟାଗମନ କରିଥିଲେ। ରବିବାର ସେହି ଶୁଭଖୁଣ୍ଟିକୁ ବାଜା ବାଜଣା ସହ ପୁଣି ମନ୍ଦିରକୁ ପ୍ରତ୍ୟାଗମନ କରାଯାଇଛି। ଗମନ ସମୟରେ ଯାତ୍ରା ପରିଚାଳନା କମିଟିର ସଭାପତି ପି ସୁଧାଂଶୁ ସେନାପତି, ସମ୍ପାଦକ ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ସହ ସମ୍ପାଦକ ଅରୁଣ ପଣ୍ଡା, ସୀମାଞ୍ଚଳ ପ୍ରଧାନ, ଅର୍ଥ ସମ୍ପାଦକ କାବୁଲା ସେନାପତି, କାର୍ଯ୍ୟକାରୀ ସଦସ୍ୟ ଅସିତ୍ ମହାନ୍ତି, ଆଦିତ୍ୟ ପ୍ରସାଦ ତ୍ରିପାଠୀ, କେଶବ ରାଓ, ଭି ଜଗନ୍ନାଥ ରାଜୁ, ଜିତେନ୍ଦ୍ର ସାହୁ, ଅଶୋକ ତ୍ରିପାଠୀ, ପୂଜକ ସଞ୍ଜୟ ଦାସ, ସନ୍ତୋଷ ଦାସ, ସୂର୍ଯ୍ୟ ପଣ୍ଡା, ଶ୍ରୀକାନ୍ତ ପଣ୍ଡା ଓ ପିତାମ୍ବର ପଣ୍ଡା, ଯୁବ ବ୍ୟବସାୟୀ କ୍ରିଷ୍ଣା ସେନାପତିଙ୍କ ସମେତ ଘଟଧାରୀ ମା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମବେଳେ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ରହି ମା' ନାରାୟଣୀ ଠାକୁରାଣୀଙ୍କ ଆଶୀର୍ବାଦ ଲାଭ କରିଥିଲେ।

## ବିଧାୟକଙ୍କ ସହିତ ପ୍ରେସ୍ କ୍ଲବ କର୍ମକର୍ତ୍ତାଙ୍କ ଆଲୋଚନା

**ଜି.ଉଦୟଗିରି, ୨୩।୬(ସମିସ):** କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ରବିବାର ଜି. ଉଦୟଗିରି ଗସ୍ତରେ ଆସିଥିବା ବେଳେ ସ୍ଥାନୀୟ ପିଡବ୍ଲୁଡି ବଙ୍ଗଳାରେ ଅଞ୍ଚଳର ସମସ୍ୟା ସମ୍ପର୍କରେ ପ୍ରେସ କ୍ଲବର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଜି.ଉଦୟଗିରିକୁ ଉପଖଣ୍ଡର ମାନ୍ୟତା, ଏଠାରେ ରକ୍ତ ଭଣ୍ଡାର ସ୍ଥାପନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ମାନ୍ୟତା ପ୍ରଦାନ ସହ ଡାକ୍ତର ନିଯୁକ୍ତି, ଶୀତଳ ଭଣ୍ଡାର ପୁନଃରୁଦ୍ଧାର, ବାଇପାସ ରାସ୍ତାର ନିର୍ମାଣ ଆରମ୍ଭ, ବସଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ନେଇ ସରକାରଙ୍କ ପାଖରେ ବିଧାନସଭା ଅଧିବେଶନରେ ଦାବି ଉପସ୍ଥାପନା କରିବା ପାଇଁ ବିଧାୟକଙ୍କୁ ଅନୁରୋଧ କରାଯାଇଛି।



ଏହାସହ ପ୍ରେସ କ୍ଲବ ପାଇଁ କାର୍ଯ୍ୟାଳୟ ପ୍ରଦାନ ଓ ଜି.ଉଦୟଗିରି ଠାରୁ ଭୁବନେଶ୍ୱର, ମୁନିଗୁଡା, ଗୋପାଳପୁର, ବ୍ରହ୍ମପୁର, ପୁରୀ ଇତ୍ୟାଦି ମୁଖ୍ୟ ସହରକୁ ସରକାରୀ ବସ ଚଳାଚଳ ପାଇଁ ପ୍ରେସ କ୍ଲବର ସଦସ୍ୟ ସ୍ଥାନୀୟ ବିଧାୟକଙ୍କ ପାଖରେ ଦାବି ଉପସ୍ଥାପନା କରିଥିଲେ। ଜି.ଉଦୟଗିରି ହେଉଛି ନିର୍ବାଚନମଣ୍ଡଳୀର ମୁଖ୍ୟକେନ୍ଦ୍ର। ଏହି କାରଣରୁ ଏଠାକାର ସମସ୍ୟା ଓ ଜନସାଧାରଣଙ୍କ ସମସ୍ୟାକୁ ସରକାରଙ୍କ ପାଖରେ ଉପସ୍ଥାପନ କରି ସମାଧାନ କରିବା ପ୍ରଥମ କର୍ତ୍ତବ୍ୟ। ସମଗ୍ର ନିର୍ବାଚନମଣ୍ଡଳୀର ଜନସାଧାରଣ ତାଙ୍କୁ ବହୁ ମୂଲ୍ୟ ଭୋଟ ଦେଇ ଜୟଯୁକ୍ତ କରିଛନ୍ତି। ତେଣୁ ସମଗ୍ର ନିର୍ବାଚନ ମଣ୍ଡଳୀ ଅର୍ଥାତ ଜି.ଉଦୟଗିରି, ଟିକାବାଲି, ରାଇକିଆ ଓ ଦାରିଙ୍ଗବାଡି ବ୍ଲକବାସୀଙ୍କ ସମସ୍ୟାକୁ ସରକାରଙ୍କ ପାଖରେ ଉପସ୍ଥାପନା କରି ସମାଧାନପାଇଁ ଚେଷ୍ଟା କରିବେ ବୋଲି ବିଧାୟକ କହିଛନ୍ତି। ଏହି ସମୟରେ ପ୍ରେସ କ୍ଲବର ସଦସ୍ୟ ଅରୁଣ କୁମାର ଷଡ଼ଙ୍ଗୀ, ପତିତପାବନ ସାହୁ, ପ୍ରସନ ମିଶ୍ର, ରାମକୃଷ୍ଣ ଚୌଧୁରୀ, ଅନିଲ କୁମାର ଦଳବେହେରା, ଗଗନ କୁମାର ପ୍ରଧାନ ଓ ପ୍ରତାପ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ପୁଲିସର ରକ୍ତଦାନ ଶିବିର, ୧୨୪ ୟୁନିଟ୍ ରକ୍ତ ସଂଗ୍ରହ

**ଫୁଲବାଣୀ, ୨୩।୬(ସମିସ)**



କନ୍ଧମାଳ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଜିଲ୍ଲା ପୁଲିସ ପକ୍ଷରୁ ଫୁଲବାଣୀ ମାଦିକୁନ୍ଦା ରିଜର୍ଭ ପୁଲିସ ପଡ଼ିଆ ମେଡିକାଲ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ କନ୍ଧମାଳ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ନିଜେ ରକ୍ତଦାନ କରି ଉଦଘାଟନ କରିଥିଲେ।

ଏହି ଅବସରରେ ଡେପୁଟି କମାଣ୍ଡାଣ୍ଟ ପ୍ରଦିପ୍ତ ରାଉତ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଦିଲୀପ ମେହେର, ଫୁଲବଣୀ ରିଜର୍ଭ ଇନ୍ସପେକ୍ଟର ବିରସିଂ ଶବର, ଫୁଲବାଣୀ ଟାଉନ ଥାନା ଅଧିକାରୀ କନକ କୁମାର ମାଝୀ, ହୋମଗାର୍ଡ ଆରଆଇ ବାଲୁକେଶ୍ୱର କାଚାପ୍, ଫୁଲବାଣୀ ରକ୍ତଦାନ ସମିତି ସହ ସମ୍ପାଦକ ତଥା ବିଶିଷ୍ଟ ରକ୍ତଦାତା ପ୍ରଶାନ୍ତ କୁମାର ବେହେରା ଓ ଭି. ଲୋକନାଥ ରାଜୁ ଉପସ୍ଥିତ ଥିଲେ। ପରେ ପରେ ଜିଲ୍ଲା ର ଦାରିଙ୍ଗବାଡି, ବ୍ରାହ୍ମଣୀଗାଁ, ଖଜୁରୀପଡ଼ା, ଗୋଛାପଡ଼ା, ଚକାପାଦ, ଫିରିଙ୍ଗିଆ, ଫଲବାଣୀ ସଦର ଥାନା ସମେତ ଫୁଲବାଣୀର ପୁଲିସ ଜବାନ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏଥିରେ ଫୁଲବାଣୀ ବିଏସଏଫ, ସିଆରପିଏଫ୍, ହୋମଗାର୍ଡ ଯବାନଙ୍କ ସମେତ ଓଏସଆରଟିସି ଏବଂ ଫୁଲବାଣୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ବିଭିନ୍ନ ସଂଗଠନର ସଦସ୍ୟ ମଧ୍ୟ ରକ୍ତଦାନ କରିଥିଲେ। ଫୁଲବାଣୀ ରକ୍ତଭଣ୍ଡାର ଦାୟିତ୍ୱରେ ଥିବା ଡା.ସବିତା ନାୟକଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ପ୍ରଶାନ୍ତ କୁମାର ରତ୍ନାଲୁ, ସାକେତରାଣୀ ନାୟକ, ଅର୍ଚ୍ଚନା ପ୍ରଧାନ ଏବଂ ବରୁଣ ବେହେରା ରକ୍ତ ସଂଗ୍ରହ କରିଥିଲେ। ଫୁଲବଣୀ ଟିମ୍ ହ୍ୟୁମାନିଟିର ସଦସ୍ୟ ଓ ମିତ୍ର ଫାଉଣ୍ଡେସନର ସଦସ୍ୟ ସହଯୋଗ କରିଥିଲେ। ଶେଷରେ ଫୁଲବାଣୀ ଶିଳ୍ପ ତାଲିମ କେନ୍ଦ୍ରର ଅଧ୍ୟକ୍ଷ ପ୍ରକାଶଚନ୍ଦ୍ର ସେଠୀ ଓ ହୋମଗାର୍ଡ ଆରଆଇ ରକ୍ତଦାନ କରିଥିଲେ। ଏହି ଶିବିରରେ ମୋଟ ୧୨୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# ଡିପ୍‌ଥେରିଆ ପରେ ଫିଟିବ କି ବିକାଶର ବାଟ











**ରାୟଗଡ଼ା, ୨୩।୬(ସମିସ):**

ମୁଁ ସବୁ ଠିକ୍ କରିଦେବି, ଆପଣ ଡାକ୍ତର, ମୁଁ ଗୁରୁ। ଆପଣଙ୍କୁ ମୋ କଥା ମାନିବାକୁ ପଡ଼ିବ। ଏପରି କିଛି କଥା ଗାଁ ଦିଶାରୀ କହୁଛନ୍ତି ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟଙ୍କୁ।

ଯଦି ମୁନୁଷପଦର ଗ୍ରାମରେ ମାରାତ୍ମକ ଡିପଥେରିଆ ରୋଗ ଆକ୍ରାନ୍ତରେ ନିରୀହ ଶିଶୁମାନଙ୍କ ଜୀବନ ଯାଇ ନ ଥାନ୍ତା ତେବେ ଆଜି ବି ରାଜ୍ୟ ସରକାର ତଥା ସ୍ୱାସ୍ଥ୍ୟ ବିଭାଗ ହେଉ ଅଥବା ରାୟଗଡ଼ା ଜିଲ୍ଲା ପ୍ରଶାସନ ପାଖରେ ଏଭଳି ଅଭିଶପ୍ତ ଗ୍ରାମ କେବେ ବି ଲୋକଲୋଚନକୁ ଆସି ନ ଥାନ୍ତା। କାଶୀପୁର ବ୍ଲକ ଡଙ୍ଗାସିଲ ପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ ପାହାଡ଼ ଅଞ୍ଚଳର ମୁନୁଷପଦର ଗ୍ରାମରେ ଡିପଥେରିଆ ବ୍ୟାପିବା, ୫ ଜଣ ଶିଶୁ ମୃତ୍ୟୁ ଘଟଣାକୁ ନିୟନ୍ତ୍ରଣାଧୀନ କରିବା, ମୁନୁଷପଦର ଗ୍ରାମର ବିକାଶ ପାଇଁ ରାସ୍ତାଘାଟ, ପାନୀୟଜଳ ସମସ୍ୟାର ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ନିର୍ଦ୍ଦେଶ ଦେବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା ପ୍ରକାଶ ପାଇଛି। ସ୍ୱାସ୍ଥ୍ୟ ବିଭାଗ ଟିମ୍, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଟିମ୍, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଟିମ୍ ଏବଂ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ନିରୀକ୍ଷଣ କରିବା ସହ ଡିପଥେରିଆ ସଂକ୍ରାନ୍ତରେ ସଚେତନତା କାର୍ଯ୍ୟକ୍ରମ ଓ ଚିକିତ୍ସା ସେବା ଆରମ୍ଭ କରିଛନ୍ତି।

ଗ୍ରାମବାସୀ ଆଜି ମଧ୍ୟ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସରେ ତଥା ଝଡ଼ାଫୁଙ୍କା ଉପରେ ନିର୍ଭର କରି ନିଜ ସ୍ୱାସ୍ଥ୍ୟ ଚିକିତ୍ସା କରାଉଛନ୍ତି ବୋଲି ପ୍ରକାଶ କରିଛନ୍ତି। ମୁନୁଷପଦର ଗ୍ରାମରେ ବିଭାଗର 'ମିଶନ ଇନ୍ଦ୍ରଧନୁଷ' ହୋଇ ନ ଥିବା ବେଳେ ଏବେ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ୧୩ଟି ଗ୍ରାମରେ ସମସ୍ତଙ୍କୁ ରୋଗ ପ୍ରତିଷେଧକ ଟିକାକରଣ କରାଯାଉଛି ବୋଲି ପ୍ରକାଶ କରିଛନ୍ତି।

> ମୁନୁଷପଦରକୁ ଏବେ ବି ଝଡ଼ାଫୁଙ୍କା ଭରସା
> ସିଡିଏମ୍‌ଓଙ୍କୁ ଗାଁ ଦିଶାରୀଙ୍କ ଚିକିତ୍ସା ପାଇଁ ପରାମର୍ଶ
> ଆପଣ ଡାକ୍ତର, ମୁଁ ଗୁରୁ, ଆପଣଙ୍କୁ ମୋ କଥା ମାନିବାକୁ ପଡ଼ିବ

ଡା. ଲାଲମୋହନ ରାଉତରାୟ ମଧ୍ୟ ମୁନୁଷପଦର ଗ୍ରାମକୁ ବହୁତ କଷ୍ଟରେ ଯାଇ ପହଞ୍ଚିଥିଲେ। ସେଠାରେ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସମୟରେ ଗ୍ରାମର ଜଣେ ଦିଶାରୀଙ୍କ ସହ ମଧ୍ୟ ଆଲୋଚନା ହୋଇଥିବା ନେଇ ସିଡିଏମ୍‌ଓ ଶ୍ରୀ ରାଉତରାଏ ପ୍ରକାଶ କରିଛନ୍ତି। ଦିଶାରୀଙ୍କ କଥା ଶୁଣିବା ପରେ ସିଡିଏମଓ ଶ୍ରୀ ରାଉତରାୟ ତୁମେ ଯାହା ପୂଜାପାଠ କରୁଛ କର କିନ୍ତୁ ମେଡିକାଲ ଟିମକୁ ତାଙ୍କ କାମ କରିବାକୁ ଦିଅ ଏବଂ ଆମକୁ ସହଯୋଗ କର ବୋଲି କହିଥିବା ସେ ପ୍ରକାଶ କରିଛନ୍ତି। ଏଥିସହ ମୁନୁଷପଦର ବୋଲି ପ୍ରକାଶ କରିଛନ୍ତି।

କାଶୀପୁର ସିଏଚସି ମେଡିକାଲ ଅଫିସର ଡା. ନିତ୍ୟାନନ୍ଦ ନାୟକଙ୍କଠାରୁ ମିଳିଥିବା ସୂଚନା ପ୍ରକାରେ, ଡିପଥେରିଆକୁ ନେଇ ୮୬ ଜଣ ବୟସ୍କଙ୍କ ସମେତ ୧୬ ବର୍ଷରୁ କମ ୬୪ଜଣ, ୧୦ ବର୍ଷ ମଧ୍ୟରେ ୧୨୫ ଜଣ, ୫ ବର୍ଷ ମଧ୍ୟରେ ୧୧୭ ଜଣ ଏବଂ ୨୯ ଜଣଙ୍କୁ ଡିପିଟି ବୁଷ୍ଟର ଡୋଜ ଦିଆଯାଇଛି। ଏକ ବର୍ଷରୁ କମ ୧୫ ଜଣଙ୍କୁ ପେଣ୍ଟା ଡୋଜ ଦିଆଯାଇଥିବା ଜଣାପଡ଼ିଛି। କାଶୀପୁର ବ୍ଲକ ସଦର ମହକୁମାଠାରୁ ୩୫ କିମି ଦୂରରେ ଅବସ୍ଥିତ ଏହି ଦୁର୍ଗମ ମୁନୁଷପଦର ଗ୍ରାମ। ଏହି ଗ୍ରାମକୁ ଗୋଟିଏ ନାଳ ଦୁଇ ଭାଗ କରିଥିବା ବେଳେ ଗୋଟିଏ ପାରିରେ ନୂଆସାହିରେ ୧୫ ପରିବାର ଏବଂ ଅନ୍ୟ ପାରିର ପାହାଡ଼ ପାଦଦେଶରେ ରହୁଛନ୍ତି ୪୧ଜଣ ପରିବାର। ରାସ୍ତାଟିଏ ନ ଥିବାରୁ ଗ୍ରାମବାସୀ ୪ଟି ନାଳ ପାର୍ ହୋଇ ପଥୁରିଆ ମାଟି ଘାଟି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ସେମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ମାନେ ଦିଶାରୀଙ୍କଠାରୁ ଝଡାଫୁଙ୍କା ଓ ଚେରମୂଳି ଭରସା ରହିଆସିଛି।

ଡିପଥେରିଆ ହେଉ ଅଥବା ଝାଡ଼ାବାନ୍ତି, ମେଲେରିଆ ଭଳି ରୋଗଗୁଡ଼ିକରେ ଆକ୍ରାନ୍ତ ହୋଇ ଅନେକ ସମୟରେ ନିରୀହ ଜୀବନ ଚାଲି ଯାଇଥିବା ନଜିର ରହିଛି। ପାନୀୟଜଳ କହିଲେ ନାଳର ପାଣି ହିଁ ଏମାନଙ୍କ ପାଇଁ ଆଧାର। ଏହାର ବିକଳ୍ପ ପାଇଁ ପ୍ରଶାସନ ପକ୍ଷରୁ ଗୋଟିଏ ଅଚଳ ହୋଇଯାଉଥିବା ନଳକୂପଟିଏ ଦିଆଯାଇଛି। ସେହିପରି ସୂର୍ଯ୍ୟାସ୍ତ ପରେ ଗ୍ରାମ ମଧ୍ୟ ଅନ୍ଧାରରେ ଲୁଚି ଯାଇଥାଏ। ଗାଁରେ ଟ୍ରାନ୍ସଫର୍ମର ଅଛି ହେଲେ ବିଜୁଳି ସଂଯୋଗ ନାହିଁ। ଗ୍ରାମରେ ଶିକ୍ଷିତ ହେବା ଅପେକ୍ଷା ଅଶିକ୍ଷିତ ହୋଇ ରହି ଯାଉଛନ୍ତି ଏଠାର ଯୁବପିଢ଼ି। ତେବେ, ରାଜ୍ୟରେ ନୂଆ ସରକାର ଅମଳରେ ଏହି ଦୁର୍ଗମ ଅଞ୍ଚଳକୁ ବିକାଶ ଛୁଇଁପାରିବା ନେଇ ଏକପ୍ରକାର ଆଶା ସଞ୍ଚାର ହୋଇଛି।

## ଏବିଭିପି ପକ୍ଷରୁ ମେଧାବୀ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ



**ଗୁଣୁପୁର,୨୩।୬(ସମିସ):** ଚଳିତ ଶିକ୍ଷାବର୍ଷରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରେ ଉଚ୍ଚ ନମ୍ବର ରଖି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୭୫ ଜଣ ବିଦ୍ୟାର୍ଥୀଙ୍କୁ ଏବିଭିପି ଗୁଣୁପୁର ଶାଖା ପକ୍ଷରୁ ପୁରସ୍କୃତ କରାଯାଇଛି। ମହର୍ଷୀ ଗୁରୁକୁଳ ପ୍ରଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ମଙ୍ଗଳ ଅଧିକାରୀ ସୂରଜ ନାୟକ, ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ଅଧିକାରୀ ସନ୍ତୋଷ ରଥ ଓ କେସିସି ବ୍ୟାଙ୍କର ବାମଦେବ ପଟ୍ଟନାୟକ ଏବଂ ମୁଖ୍ୟବକ୍ତା ଭାବେ ରାଜ୍ୟ ଏବିଭିପିର ସମ୍ପାଦକ ଅର୍ଜିତ ପଟ୍ଟନାୟକ ଉପସ୍ଥିତ ଥିଲେ। ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ଡ. ପ୍ରଶାନ୍ତ ହୋତା ସ୍ୱାଗତ କରିଥିଲେ। ସଭାପତି ଲକ୍ଷ୍ମୀ ମହାଁକୁଡ଼ ସଂଯୋଜନା କରିଥିଲେ। ସମ୍ପାଦକ ସାଇ ପାଣିଗ୍ରାହୀ ବିବରଣୀ ପାଠ କରିଥିଲେ। ସଭାରେ ଜିଲ୍ଲା ପ୍ରମୁଖ ଶେଷ ସାୟୀ ସେନାପତି ସ୍ୱାଗତ ଭାଷଣ କରିଥିବାବେଳେ ଇନ୍ଦ୍ରାକ୍ଷୀ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶତ ପ୍ରତିଶତ ଫଳ ନିମନ୍ତେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାପତି ଗଜପତି ରାଓ, ସମ୍ପାଦକ ସୋମନାଥ ଗୌଡ଼ ସମ୍ବର୍ଦ୍ଧିତ ହୋଇଥିଲେ। ଜିଲ୍ଲା ସ୍ତର ବିଜ୍ଞାନରେ ଉଚ୍ଚ ନମ୍ବର ରଖିଥିବା ଆଶିଷ ମଣ୍ଡଳ ଓ ମ୍ୟାଟ୍ରିକରେ ଉଚ୍ଚ ନମ୍ବର ରଖିଥିବା ଆଦ୍ୟାଶା ପଣ୍ଡା, ଯୁକ୍ତ ଦୁଇ କଳା ଝରଣା ସାହୁ, ବାଣିଜ୍ୟ ବିଭାଗର ବି ରାମ ଚରଣଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ମହର୍ଷୀ ଗୁରୁକୁଳର ରାଜେଶ ପଣ୍ଡାଙ୍କୁ କାର୍ଯ୍ୟକ୍ରମ ପ୍ରାୟୋଜକ ତଥା ଆଇନ ଶିକ୍ଷାରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ଯୋଗୁଁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲା ପ୍ରମୁଖ ଶେଷସାଇ ସେନାପତି, ବିଭାଗ ପ୍ରମୁଖ ଉମ ଦାଶ, ବି କିରଣ କୁମାର, ସାଇ ପାଣିଗ୍ରାହୀ, ବି ସତୀଶ କୁମାର, ଇନ୍ଦ୍ରାକ୍ଷୀ ଦାଶ, ନଗର ପ୍ରମୁଖ ପ୍ରଫୁଲ ଲିମା ଏସ ଶିବାଜୀ, ସଂଗଠନ ମନ୍ତ୍ରୀ ତନ୍ମୟ ପ୍ରିୟଦର୍ଶୀ ମିଶ୍ର ପରିଚାଳନା କରିଥିଲେ।

## ଗଛକୁ ଧକ୍କାଦେଲା ପିକ୍‌ଅପ୍ ଭ୍ୟାନ୍; ହେଲ୍‌ପର ମୃତ

**ଚନ୍ଦ୍ରପୁର,୨୩।୬(ସମିସ):**



ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ଡାଙ୍ଗସରଡ଼ା ଗ୍ରାମରୁ କୌଣସି କାମରେ ମୁନିଗୁଡ଼ା ଆସୁଥିବା ସମୟରେ ବଣ୍ଡଲି ଗ୍ରାମ ନିକଟରେ ଭାରସାମ୍ୟ ହରାଇ ମାକ୍ସ ପିକ୍‌ଅପ୍ ଡାଲା ଗାଡ଼ି ଏକ ଗଛକୁ ଧକ୍କା ଦେବାରୁ ଗାଡ଼ିର ହେଲପର ପ୍ରଦୀପ ଶବର(୨୫)ଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ତାଙ୍କ ଘର ଯୁଗାପଦର ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଗାଡ଼ିଟି ଡାଙ୍ଗସରଡ଼ାରୁ ମୁନିଗୁଡ଼ା ଆସୁଥିଲା। କୌଣସି କାରଣରୁ ଚାଳକ ଜଣକ ଭାରସାମ୍ୟ ହରାଇ ଏକ ଗଛକୁ ଧକ୍କା ଦେଇଥିଲେ। ପ୍ରଦୀପଙ୍କୁ ଗୁରୁତର ଅବସ୍ଥାରେ ବିଷମ କଟକ ସରକାରୀ ଚିକିତ୍ସାଳୟକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ହାଲ୍ ସହରାଞ୍ଚଳ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନଯାତ୍ରା

**ସୁନାବେଡ଼ା,୨୩।୬(ସମିସ):**



ଜ୍ୟେଷ୍ଠ ପୂର୍ଣ୍ଣିମା ବା ଦେବସ୍ନାନ ପୂର୍ଣ୍ଣିମା ହାଲ୍ ସହରାଞ୍ଚଳ ସ୍ଥିତ ଜଗନ୍ନାଥ ମନ୍ଦିରରେ ପାଳିତ ହୋଇଯାଇଛି। ଏହି ଅବସରରେ ଚତୁର୍ଦ୍ଧାମୂର୍ତ୍ତିଙ୍କର ସ୍ନାନଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ସେବା ସଂସ୍ଥାର ସଭାପତି ସରୋଜ କୁମାର ପଣ୍ଡା ଓ ସମ୍ପାଦକ ସୁଜିତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସକାଳ ୯ଟା ୧୫ରେ ବିଗ୍ରହମାନଙ୍କରେ ଗୋଟିପହଣ୍ଡି କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଦିନ ୧୦ଟା ୩୦ ମିନିଟ ସମୟରେ ୧୦୮ ଗଡୁ ସୁବାସିତ ଜଳରେ ଶ୍ରୀବଳଦେବ, ଶ୍ରୀଜଗନ୍ନାଥ, ମାଆ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କର ସ୍ନାନକାର୍ଯ୍ୟ ସମ୍ପାଦିତ ହୋଇଥିଲା। ହାଲ୍ କୋରାପୁଟ ପ୍ରଭାଗର ମହାପ୍ରବନ୍ଧକ ସୁଧାଂଶୁ ମୋହନ ଜେନା ଛେରାପହଁରା କରିଥିଲେ। ଇଞ୍ଜିନ ବିଭାଗର ମହାପ୍ରବନ୍ଧକ ଶିଶିର କୁମାର ପାତ୍ର ସହଯୋଗ କରିଥିଲେ। ଦିନ ୧୨ଟା ୩୦ ମିନିଟ୍ ସମୟରେ ମହାପ୍ରଭୁଙ୍କ ହାତୀବେଶ କରାଯାଇ ପୂଜା ହୋମ ଇତ୍ୟାଦି ସମ୍ପାଦିତ ହୋଇଥିଲା। ସନ୍ଧ୍ୟାରେ ଆଳତି ଓ ହାତୀବେଶ ଦେଖିବା ପାଇଁ ସୁନାବେଡ଼ା, ସେମିଳିଗୁଡ଼ା ଓ ଆଖପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଭଜନ କୀର୍ତ୍ତନ ଓ ପୂଜାରେ ମନ୍ଦିର ପରିବେଶ ଉଛୁଳି ଉଠିଥିଲା। ରବିବାରଠାରୁ ୧୫ ଦିନ ବ୍ୟାପି ମହାପ୍ରଭୁ ଅଣସର ଘରେ ରହିବେ। ସମସ୍ତ ସେବାୟତ ଓ ପୂଜକ ପିତବାସ ପାଢ଼ୀ, ସତ୍ୟବାନ ମିଶ୍ର, ଦିଲ୍ଲୀପ କୁମାର ଦାଶ, ମନୋଜ କୁମାର ଦାଶ, ଆଶିଷ କୁମାର ଦାଶ ଓ ସମସ୍ତ କର୍ମକର୍ତ୍ତା, ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଏହି ପବିତ୍ର କାର୍ଯ୍ୟ ସଫଳତାର ସହିତ ସମ୍ପାଦିତ ହୋଇଥିଲା।

## ଟି-୧୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ସିଲୁ ଏକାଦଶ ଚାମ୍ପିଅନ୍

**ଜୟପୁର,୨୩।୬(ସମିସ):** ଜୟପୁର ସହରର ହାତ୍ମାଗୁଡ଼ା ଖେଳପଡ଼ିଆ ଠାରେ ଟି-୧୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ସିଲୁ ଏକାଦଶ ଚାମ୍ପିଅନ୍ ହୋଇଛି। ପ୍ରଥମେ ଟସ୍ ଜିତି ସିଲୁ ଏକାଦଶ ବିପକ୍ଷ କୁନ୍ତରଖୋଲ ଗ୍ରାମ ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। କୁନ୍ତରଖୋଲ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୯୫ ରନ୍ ସଂଗ୍ରହ କରିଥିଲା। ବିଜୟ ଲକ୍ଷ୍ୟ ନେଇ ସିଲୁ ଏକାଦଶ ଦଳ ମାତ୍ର ୮ ଓଭର ୨ଟି ବଲରେ ୯୬ ରନ୍ ସଂଗ୍ରହ ସହିତ ଚାମ୍ପିଅନ ହୋଇଛି। ବିଜୟୀ ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ରାଜା ୨୨ଟି ବଲରେ ୪୬ ରନ୍ ସଂଗ୍ରହ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଛନ୍ତି। ସେହିପରି ଉପବିଜେତା କୁନ୍ତରଖୋଲ ଗ୍ରାମ ଦଳର ଅମିଲ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ପୁରସ୍କୃତ ହୋଇଛନ୍ତି। ଏହି ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ସହ ନଗଦ ୩୫ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରିଥିଲେ। ଅନ୍ୟାନ୍ୟ ଅତିଥି ଭାବେ ରମେଶ ଚନ୍ଦ୍ର ଦାସ ଏବଂ ଦେବେନ୍ଦ୍ର ବାହିନୀପତି ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ସୁରଜିତ ରାଉତରାୟ, କୁନା ଜାନୀ, ଜୋର୍ଡାନ ବିଶୋୟୀ, ସଚିନ ନାୟକ, ସୁନିଲ ଖୋସ୍ଲା ପ୍ରମୁଖ ପରିଚାଳନା କରିଥିଲେ।



